ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 47 | 24 - 30 November 2024 | Sambalpur | Pages- 8 | Invitation Price Rs.10

# ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମିଳିଲା ଡୋମିନିକା ଓ ଗୁଏନାର ସର୍ବୋଚ୍ଚ ଆୱାର୍ଡ

ନୂଆଦିଲ୍ଲୀ: ଭାରତ-କାରିକମ୍ ସମ୍ମିଳନୀ ୨୦୨୪ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଡୋମିନିକାର ସର୍ବୋଚ୍ଚ ନାଗରିକ ଆୱାର୍ଡ କମନଓ୍ୱେଲଥ୍ ଅଫ୍ ଡୋମିନିକା ସମ୍ମାନରେ ସମ୍ମାନିତ କରାଯାଇଛି । ଡୋମିନିକାର ରାଷ୍ଟ୍ରପତି ସିଲଭାନି ବର୍ଟନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ପ୍ରଥମ ଭାରତୀୟ ନେତା ଭାବରେ ଶ୍ରୀ ମୋଦୀ ଏହି ସମ୍ମାନଜନକ ପୁରସ୍କାରର ଅଧିକାରୀ ହୋଇଛନ୍ତି । କୋଭିଡ -୧୯ ମହାମାରୀ ସମୟରେ ତାଙ୍କ ନେତୃତ୍ୱ ତଥା ଲୋକମାନଙ୍କ ଜୀବନ ରକ୍ଷା କରିବାରେ ତାଙ୍କର ଅବଦାନକୁ ଡୋମିନିକାର ରାଷ୍ଟ୍ରପତି ସିଲଭାନି ବର୍ଟନ୍ ପ୍ରଶଂସା କରିବା ସହ ଭାରତର ନିଃ ସ୍ୱାର୍ଥପର ସହାୟତା ଏବଂ ସହଯୋଗ ପାଇଁ ଡୋମିନିକାର ସରକାର ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

ସେହିପରି ଜର୍ଜଟାଉନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଗୁଏନାର ରାଷ୍ଟ୍ରପତି ଇରଫାନ ଅଲ୍ଲୀ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ଅର୍ଡର ଅଫ୍ ଗ୍ରେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି । ଅଭିଭାଷଣରେ ରାଷ୍ଟ୍ରପତି ଅଲ୍ଲୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣେ ଅତୁଳନୀୟ ନେତା ଭାବେ ପ୍ରଶଂସା କରିଥିଲେ । ତାଙ୍କର ପ୍ରଭାବଶାଳୀ ତଥା ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ





ପାଇଁ ବିକଶିତ ଦେଶଗୁଡିକର ଗତିପଥକୁ ପ୍ରଭାବିତ କରିଥିବା କହିଥିଲେ । ବିଶ୍ୱସ୍ତରରେ ମୋଦୀଙ୍କ ଶାସନର ଗଭୀର ପ୍ରଭାବ ଉପରେ ରାଷ୍ଟ୍ରପତି ଅଲ୍ଲୀ ମନ୍ତବ୍ୟ ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ, ନେତାମାନଙ୍କ ମଧ୍ୟରେ ଚାମ୍ପିଅନ୍ ଅଟନ୍ତି । ଦେଶ ମଧ୍ୟରେ ବ୍ୟବଧାନକୁ ବ୍ୟାପକ କରିବା ପାଇଁ ପ୍ରଯୁକ୍ତି-ବିଦ୍ୟା, ନବସୃଜନ ଏବଂ ଡିଜିଟାଇଲେଜେସନ ବ୍ୟବହାର କରାଯିବା ଉଚିତ ନୁହେଁ । ଦାରିଦ୍ର୍ୟକୁ ହ୍ରାସ କରିବା କରିବା ପାଇଁ ତଥା ବିଶ୍ୱକୁ ନିକଟତର କରିବା ପାଇଁ ଅଗ୍ରଗତି କରାଯିବା ଆବଶ୍ୟକ । ଗୋୟାନାର ସର୍ବୋଚ୍ଚ ଜାତୀୟ ସମ୍ମାନ ପାଇବାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ହେଉଛନ୍ତି ଚତୁର୍ଥ ବିଦେଶୀ ନେତା ।

# ଝାରସୁଗୁଡ଼ାରେ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର କାଉନସେଲିଂର ଶୁଭାରମ୍ଭ

ଝାରସୁଗୁଡ଼ା : ଝାରସୁଗୁଡ଼ା ଠାରେ ଏମସିଏଲ୍‌ର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାର ଦଶମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର୍ କାଉନସେଲିଂ ଏବଂ ଲାଇଫ୍ ସ୍କିଲ୍ ପ୍ରୋଜେକ୍ଟ 'ଏମସିଏଲ୍ କୀ ଏକ୍ ପହଲ୍' କାର୍ଯ୍ୟକ୍ରମ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି ।

ଜିଲ୍ଲା ପ୍ରଶାସନ ଓ ଏମ୍‌ସିଏଲ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତିର ପରାମର୍ଶ କ୍ରମେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ମାର୍ଗ ଦେଖାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ସାଧୁ ଉଦ୍ୟମ । ଓଡ଼ିଶା କୁଶଳୀ ଲୋକଙ୍କ ରାଜ୍ୟ । ଆଜିର ସମୟକୁ ଧ୍ୟାନରେ ରଖି ଯୁବବର୍ଗଙ୍କ ଦକ୍ଷତା ଓ ଉଦ୍ୟମିତା ବଢ଼ାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ସେ ଆହୁରି କହିଛନ୍ତି ଯେ, ଦେଶରେ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ହେଉଛି । ଓଡ଼ିଶା ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଭାରତ ସରକାରଙ୍କ ପିଏମ ଶ୍ରୀ ସ୍କୁଲ ଭଳି ସବୁ ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ନିଜସ୍ୱ ଯୋଜନା 'ଗୋଦାବରୀଶ ମିଶ୍ର





ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଏମସିଏଲ୍ କୀ ଏକ୍ ପହଲ୍ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ, ଏମସିଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚୀନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ପୋଲିସ୍ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେ ପ୍ରମୁଖ ଯୋଗ ଦେଇଥିଲେ ।





# ଓଡ଼ିଶାରେ ବିଜୁଙ୍କ ଯୁଗ ଶେଷ, ଏବେ ମହତାବଙ୍କ ଯୁଗ ଆରମ୍ଭ

ଭୁବନେଶ୍ୱର : ବିଗତ ୨୪ ବର୍ଷ ଧରି ଓଡ଼ିଶା ବିଜୁ ମୟ ହେଉଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁରେ ରାଜ୍ୟ ସରକାରଙ୍କର ସବୁ ଯୋଜନା, ସବୁ କାର୍ଯ୍ୟକ୍ରମ ନାମିତ କରାଯାଉଥିଲା । ବିଜୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧକୁ ଧୂମଧାମରେ ପାଳନ କରାଯାଉଥିଲା । ବିଜୁଙ୍କ ପ୍ରତିମୂର୍ତ୍ତି ଛକ, ବଜାର, ଗାଁରୁ ସହର ସବୁଠି ବସୁଥିଲା । କିନ୍ତୁ ଏବେ ସେ ଯୁଗ ଶେଷ ହୋଇଛି ଭଳି ଜଣାପଡୁଛି ।

ରାଜ୍ୟରେ ସରକାର ବଦଳିଲା ପରେ ଆଉ ଏଣିକି ବିଜୁ ନୁହନ୍ତି । ଓଡ଼ିଶାର ଆଉ ଜଣେ ବରପୁତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ରାଜ୍ୟପାଳ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ପୂଜା ପାଇଁ ସରକାର ଅଣ୍ଟା ଭିଡିଛନ୍ତି । ରାଜନୀତିରେ ମହତାବ ବିଜୁଙ୍କର ଗୁରୁ ଥିଲେ । କିନ୍ତୁ ବିଗତ ୨୪ ବର୍ଷରେ ଗୁରୁଙ୍କୁ ପଛରେ ପକାଇ ବିଜୁ ସରକାରୀ ଭାବେ ପୂଜା ପାଇବାରେ ବହୁ ଆଗରେ ରହିଥିଲେ ।

ରାଜ୍ୟରେ ନୂଆ ସରକାର ଆସିଲା ବେଳକୁ ଏବେ ମହତାବଙ୍କର ୧୨୫ତମ ଜୟନ୍ତୀର ବର୍ଷ ମଧ୍ୟ ଆସିଛି । ଅନ୍ୟପକ୍ଷରେ ସେତେବେଳେ ବିଜୁ ଜନତା ଦଳରେ ରହି ମଧ୍ୟ ବାପାଙ୍କ ପାଇଁ କିଛି କରିବାରେ ସଫଳ ହୋଇ ପାରି ନ ଥିବା ମହତାବଙ୍କ ପୁଅ ଭର୍ତ୍ତୃହରି ଏବେ ଭାରତୀୟ ଜନତା ପାର୍ଟିରେ ଅଛନ୍ତି । ଦକ୍ଷ ପାର୍ଲାମେଣ୍ଟାରି-ଆନ ଭାବରେ ବିଜେଡିରେ ଥାଇ ଯେଉଁ ପରିଚୟ ସୃଷ୍ଟି କରିଥିଲେ ସେହି ଆଧାରରେ ବିଜେପିର କେନ୍ଦ୍ରୀୟ ନେତାଙ୍କ ସହ ତାଙ୍କର ସମ୍ପର୍କ ବେଶ ସୁଦୃଢ ରହିଛି । ଏମିତି ଏକ ସଂଯୋଗ ଭିତରେ ମହତାବଙ୍କ ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବଡ ଆୟୋଜନ କରିଛନ୍ତି ।

ଗତ ୨୧ ତାରିଖ ଦିନରୁ ଡକ୍ଟର ହରେକୃଷ୍ଣ



ମହତାବଙ୍କର ୧୨୫ତମ ଜନ୍ମ ବାର୍ଷିକୀ ଆରମ୍ଭ ହୋଇଛି । ଭାରତ ସରକାର ଏହି ଦିନ ନୂଆଦିଲ୍ଲୀରେ ବଡ ସମାରୋହର ଆୟୋଜନ କରିଥିଲେ । ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମର ଉଦ୍‌ଘାଟନ ସହିତ ସ୍ୱତନ୍ତ୍ର ସ୍ମାରକୀ ଡାକ ଟିକେଟ ଉନ୍ମୋଚନ କରିଛନ୍ତି ।

ଓଡ଼ିଶାରେ ରାଜ୍ୟ ସରକାର ମଧ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏହାର ଶୁଭାରମ୍ଭ କରିବ ।

ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ କାର୍ଯ୍ୟକ୍ରମର ଆରମ୍ଭ ଲାଗି ସରକାର ରାଜଧାନୀରେ ବଡ ବଡ ହୋର୍ଡିଂ ଲଗାଇଥିଲେ । ଦୀର୍ଘ ବର୍ଷ ପରେ ସରକାରଙ୍କ ପକ୍ଷରୁ ବଡ ଆୟୋଜନର ପ୍ରସ୍ତୁତି ସରିଲାଣି । ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହିତ ଓଡ଼ିଶାର ବିଭିନ୍ନ ସହରରେ ମହତାବଙ୍କର ପୂର୍ଣାବୟବ ପ୍ରତିମୂର୍ତ୍ତି ବସାଇବାର ପ୍ରସ୍ତୁତି ହେଲାଣି । ବର୍ଷେ ବ୍ୟାପୀ ସେମିନାର, ସଭା, ସ୍ମାରକୀ ବକ୍ତୃତା, ପୁସ୍ତକ ସଂକଳନ, ପ୍ରଦର୍ଶନୀ, ଚଳଚ୍ଚିତ୍ର ପ୍ରଦର୍ଶନ ଏପରି ଅନେକ କାର୍ଯ୍ୟକ୍ରମର ଉଚ୍ଚ ଚିଠା ବୃତ୍ତାନ୍ତ ହେଲାଣି ।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ସରକାର ବଡ ଆୟୋଜନରେ ପ୍ରସ୍ତୁତିରେ ଲାଗି ପଡିଲେଣି । ରାଜନୀତିର ଘଟଣା ଚକ୍ରରେ ଏହା ଉଲ୍ଲେଖନୀୟ ଘଟଣା ନୁହେଁ ବୋଲି କୁହାଯାଇ ପାରିବ ନାହିଁ । ବିଗତ ୨୪ ବର୍ଷରେ ବିଜୁ ପଟ୍ଟନାୟକଙ୍କ ପୁଅ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ଏବଂ ତାଙ୍କ ନାମରେ ଗଠିତ ଦଳ ଶାସନରେ ଥିଲା ବୋଲି ସେହି ହିଁ ହୋଇଥିଲେ ଓଡ଼ିଶାର ଏକମାତ୍ର ପରିଚୟ । ଏକ ମାତ୍ର ବରପୁତ୍ର ଭାବରେ ତାଙ୍କର ପୂଜାରେ ସରକାର ଲାଗି ପଡିଥିଲେ । ରାଜନୀତିର ପଟ୍ଟ ବଦଳିଲା, ସରକାର ବଦଳିଲେ ଓ ବିଜୁଙ୍କ ଯୁଗ ସରି ମହତାବ ଆସିଲେ ।

## ଏ ସଂଖ୍ୟାରେ..



ସପୁରୀର ଉପକାରିତା



କ୍ୟାନସର ଦୂର କରିବ ସୋରିଷ ଶାଗ



ତରଭୁଜ ଖାଇବାର ଆବଶ୍ୟକତା



ଲିଭର୍ ନଷ୍ଟରୁ ବଞ୍ଚାଇବ ଭୃସଙ୍ଗପତ୍ର



ଆଣ୍ଟିବାୟୋଟିକ୍ ବ୍ରୋକଲି



ହଳଦୀର ଉପକାରିତା

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ମନିଟରିଂ କମିଟି ବୈଠକ




ସମ୍ବଲପୁର : ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟିର ଏକ ବୈଠକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆର ଆଣ୍ଡ ବି (ଡିଭିଜନ ୧ ଓ ୨ ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଓର୍ମାସ, ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ଼ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ଏହାଛଡ଼ା ବର୍ତ୍ତମାନ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଏବଂ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଗ୍ରାମ୍ୟ ଉନ୍ନୟନ , ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ , ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇ.ଜି ଶ୍ରୀ ହିମାଂଶୁ ଲାଲ, ସମ୍ବଲପୁର ଏସ.ପି ଶ୍ରୀ ମୁକେଶ କୁମାର ଭାମୁ ସମ୍ବଲପୁର ମହାନଗର ନିଗମ କମିଶନର ଶ୍ରୀ ବେଦ ଭୂଷଣ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିଲେ ।

## ସିଏସ୍‌ବି ଜିଲ୍ଲା ସ୍କୁଲରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ସମ୍ବଲପୁର : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଧନକଉଡା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ବିଇଓ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୁର୍ଲା ଭିମସାରର ସହକାରୀ ପ୍ରାଧାପକ ଡାକ୍ତର ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଜେଣ୍ଡର କୋର୍ଡିନେଟର ଅବିନାଶ ସାହୁ ସମ୍ମାନିତ ଅତିଥି ଓ ପ୍ରଧାନ ଶିକ୍ଷକ ଲୋକିତା ଦାଶ, ସପ୍ତଶ୍ରୀ ମହାପାତ୍ର, ସିନି ବାଡା, ଏବିଇଓ ରମେଶ ମିଶ୍ର ଏବଂ ସୁସ୍ମିତା ପାଟଯୋଶୀ ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ବିଭିନ୍ନ ବିଭାଗରୁ ମୋଟ ୨୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନୀ ସଭାରେ ଡିଇଓ ମୀନାରାଣୀ ମଙ୍ଗଳ ମୁଖ୍ୟ ଅତିଥି, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅଧକ୍ଷ ଡ.ଗୀତାଞ୍ଜଳି ଭୋଇ ମୁଖ୍ୟ ବକ୍ତା, ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା, କରନ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅସୀମ ପ୍ରଧାନ, ସନ୍ଧ୍ୟା ରାଣୀ ପୃଷ୍ଟି, ସୀମା ଦାସ, ରଚନା ସିଂହ ମଞ୍ଚ ପରିଚାଳନା କରିଥିଲେ ।

## ରିୱାର୍ଡ କାର୍ଯ୍ୟକ୍ରମ ନିମନ୍ତେ କୃଷକ ଉତ୍ପାଦନ କମ୍ପାନୀ ସହିତ ଚୁକ୍ତିସ୍ୱାକ୍ଷର କାର୍ଯ୍ୟକ୍ରମ

ସମ୍ବଲପୁର : ମୃତ୍ତିକା ଓ ଜଳ ବିଭାଜିକା ବିଭାଗ ତରଫରୁ ବିଶ୍ୱବ୍ୟାଙ୍କ ସହାୟତାରେ (ରିୱାର୍ଡ) ଉପସ୍ଥିତ ରହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ କୃଷକ ଉତ୍ପାଦନ କମ୍ପାନୀର ଚନ୍ଦ୍ର ପାତ୍ର ପ୍ରକଳ୍ପର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀ




ପ୍ରକଳ୍ପ ନିମନ୍ତେ ଜିଲ୍ଲାର ଅଗ୍ରଣୀ ୩ ଟି କୃଷକ ଉତ୍ପାଦକ କମ୍ପାନୀ (ସବୁଜ ସନାତନ ପାଲି , ଦେବେଶ୍ୱର ଓ ଧରଣୀଧର) ଙ୍କୁ ୨ ବର୍ଷ ନିମନ୍ତେ କୃଷକ ମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ସଠିକ ମୂଲ୍ୟରେ ବିକ୍ରୟ ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କର୍ମକର୍ତ୍ତା ଙ୍କ ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ପଚାରି ବୁଝିଥିଲେ । ମୃତ୍ତିକା ସଂରକ୍ଷଣ ବିଭାଗର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ହରିବନ୍ଧୁ ସେଠ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମର ବୈଷୟିକ ସହାୟତା ଅନୁଷ୍ଠାନ ଗ୍ରାଣ୍ଟ ଥୋରଟର୍ନ ର ରାଜ୍ୟ ମୁଖ୍ୟ ଶ୍ରୀ ଶରତ ମନୋଜ ରଞ୍ଜନ କୁମାର, ଅନୁଷ୍ଠାନ ଓ ଦକ୍ଷତା ବିକାଶ ବିଶେଷଜ୍ଞ ଶ୍ରୀ ସିଦ୍ଧାର୍ଥ ଦେବ, ଜିଲ୍ଲା ସଂଯୋଜକ ଗ୍ରାଣ୍ଟ ଥୋରଟର୍ନ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଭାଗର ମୁଖ୍ୟ, ଜିଲ୍ଲା କୃଷି ଅଧିକାରୀ ଓ ଉପନିର୍ଦ୍ଦେଶକ, ଉଦ୍ୟାନ ବିଭାଗ ଉପସ୍ଥିତ ଥିଲେ ।

## କ୍ରପ କଟିଙ୍ଗକୁ ଚାଷୀଙ୍କ ବିରୋଧ: କୃଷି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଟଙ୍କଧର

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାରେ କୃଷି ବୀମା କମ୍ପାନୀ ଓ ରାଜସ୍ୱ ବିଭାଗ ପକ୍ଷରୁ କେବଳ ବାହାଲ କିସମ ଜମିରେ କ୍ରପକଟିଙ୍ଗ କରାଯାଉଥିବାରୁ ଜିଲ୍ଲାର ଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କାରଣ ସମଗ୍ର ଜିଲ୍ଲା ରେ ମାତ୍ର ୨୦ ରୁ ୨୫ ପ୍ରତିଶତ ଜମି ବାହାଲ କିସମ ଅଟେ । ମାତ୍ର ଧାନ ଫସଲ ନଷ୍ଟ ହୋଇଥିବା ମାଳ କିମ୍ବା ଆଟ୍ କିସମ ଜମିକୁ କ୍ରପ କଟିଙ୍ଗ ରୁ ବାଦ୍ ଦିଆଯାଇଥିବାରୁ ଚାଷୀ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏନେଇ ବହୁ ଚାଷୀ ବିଧାୟକ ଟଙ୍କଧର ତ୍ରିପାଠୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚାଷୀଙ୍କ ଅଭିଯୋଗ ପରେ ବିଧାୟକ ଶ୍ରୀ ତ୍ରିପାଠୀ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ପତ୍ର ଲେଖି ଏହାର ପ୍ରତିକାର କରିବା ପାଇଁ ଅନୁରୋଧ ଜଣାଇଛନ୍ତି । କେବଳ ବାହାଲ କିସମ ଜମିରେ କ୍ରପକଟିଙ୍ଗ ଚାଷୀଙ୍କ ପ୍ରତି ଅନ୍ୟାୟ ଅଟେ । ଏଣୁ ଏଥି ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେବାକୁ ବିଧାୟକ ଶ୍ରୀ ତ୍ରିପାଠୀ କୃଷି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଭଗବତ୍ କୃପା

ଏହି ସଂସାରରେ ତିନୋଟି ସମ୍ପଦ ଅତ୍ୟନ୍ତ ଦୁର୍ଲ୍ଲଭ । ତାହା ହେଉଛି ମନୁଷ୍ୟ ଜନ୍ମ, ମୁକ୍ତି ନିମିତ୍ତ ଏକାନ୍ତ ଆକାଂକ୍ଷା ଏବଂ ସଦଗୁରୁଙ୍କର ସାହଚର୍ଯ୍ୟ । ଏହି ତିନୋଟି ସମ୍ପଦ କେବଳ ଭଗବତ୍ କୃପାରୁ ହିଁ ପ୍ରାପ୍ତ ହୋଇଥାଏ । ଭଗବତ୍ କୃପା ଦ୍ୱାରା ମୁକ୍ତି ନିମିତ୍ତ ଅନୁଭବ ସିଦ୍ଧ ଗୁରୁଙ୍କର ଦିଗ୍‌ଦର୍ଶନ ଖାଦ୍ୟ, ବସ୍ତ୍ର ତଥା ଆଶ୍ରୟ ପ୍ରାପ୍ତ ହୋଇଥାଏ । ଭଗବତ୍ କୃପା ସମସ୍ତ ପ୍ରକାର ଭୟ ନିବାରଣ ନିମିତ୍ତ ପ୍ରତିଷେଧକ ଏବଂ ଭଗବାନଙ୍କର ଅଖଣ୍ଡ ଆନନ୍ଦ ରାଜ୍ୟରେ ପ୍ରବେଶ କରିବା ନିମିତ୍ତ ଆଦେଶ ପତ୍ର ବା ପାସପୋର୍ଟ । ଭଗବାନଙ୍କ ନିକଟରେ ସର୍ବତୋଭାବେ ସମର୍ପଣ ଦ୍ୱାରା କୃପା ପ୍ରାପ୍ତି ହୋଇଥାଏ ।

କାୟମନୋବାକ୍ୟରେ ସର୍ବତୋଭାବେ ଭଗବାନଙ୍କ ନିକଟରେ ନିଜକୁ ସମର୍ପି ଦେବା ହେଉଛି ଆତ୍ମସମର୍ପଣ । ଆତ୍ମସମର୍ପଣ ଦ୍ୱାରା ଭଗବାନ କିପରି କୃପାବାରି ବର୍ଷଣ କରିବା ନିମିତ୍ତ ଉନ୍ମୁଖ ଏବଂ ଭଗବତ୍ କୃପା କିଭଳି ଭାବରେ ଝରିପଡୁଛି ତାହା ଭକ୍ତ ଅନୁଭବ କରିପାରେ । ଭଗବତ କୃପାର ଦିବ୍ୟଧାରା ଭକ୍ତ ହୃଦୟରେ ପ୍ରବାହିତ ହେଲେ ସେ ଭକ୍ତିରେ ବିଗଳିତ ହୋଇଯାଏ ଏବଂ ଆତ୍ମୋପଲବ୍ଧି ପାଇଁ ପଥଉନ୍ମୁକ୍ତ ହୋଇଯାଏ । ଏହି ସମୟରେ ଭକ୍ତ ଭଗବାନଙ୍କ ହାତରେ ଏକ କ୍ରୀଡ଼ନକ ଭଳି ଭାବ ଅନୁଭବ କଲେ ।

ଆତ୍ମସମର୍ପଣ ଏବଂ ଭଗବତ କୃପା ପରସ୍ପର ସମ୍ବନ୍ଧିତ । ଭଗବତ୍ କୃପା ମନ ଏବଂ ହୃଦୟକୁ ଦିବ୍ୟତାରେ ପରିପୂର୍ଣ୍ଣ କରିବା ଦ୍ୱାରା କୃପାବାରିର ଧାରାକୁ ଧାରଣ କରିବା ନିମିତ୍ତ ଭକ୍ତ ସକ୍ଷମ ହୋଇଥାଏ । ଭଗବତ୍ କୃପା ବଳରେ ଭକ୍ତର ହୃଦୟଦୀପ୍ତିମନ୍ତ ହୋଇ ଭକ୍ତି ରସରେ ପ୍ଳାବିତ ହୋଇଯାଏ । ମନୁଷ୍ୟମାନଙ୍କ ମଧ୍ୟରେ ଥିବା ଆତ୍ମାଭିମାନପୂର୍ଣ୍ଣ କ୍ଷୁଦ୍ର ଅହଂକାର ସ୍ଥାୟୀ ଭାବରେ ନିବାସ କରିବା ପାଇଁ ଆତ୍ମସମର୍ପଣ ମାର୍ଗରେ ଗତିରୋଧ କରେ ଏବଂ ଗରିଲା ଯୁଦ୍ଧ ଆରମ୍ଭ କରିଦିଏ । ଏହି ଅହଂକାର ନିଜର ପରିତୃପ୍ତ ନିମିତ୍ତ ବିଶେଷ ବସ୍ତୁସମୂହର ଦାବି ଉପସ୍ଥାପନ କରେ । ସମର୍ପଣ ସର୍ବତୋଭାବେ ହେବା ଉଚିତ । ଭଗବାନ ଶ୍ରୀକୃଷ୍ଣ ଏଥିପାଇଁ ଶ୍ରୀମଦ୍ ଭଗବତ୍ ଗୀତାରେ କହିଲେ, ତମେବ ଶରଣଗଚ୍ଛ ସର୍ବଭାବେନ ଭରତ । ମନ, ବୁଦ୍ଧି, ଚିତ୍ତ, ଅହଂକାର ଏବଂ ଆତ୍ମ ସର୍ବତୋଭାବେ ଭଗବାନଙ୍କ ପାଦପଦ୍ମରେ ସମର୍ପିତ ହେବା ଉଚିତ । ମୀରା ଏହା ହିଁ କରିଥିଲେ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କର କୃପାଲାଭ କରି ତାଙ୍କ ସହିତ ଏକୀକୃତ ହୋଇ ଯାଇଥିଲେ ।

ଶରୀରର ଯତ୍ନ ନେବା ପାଇଁ ବିଶେଷ ଚେଷ୍ଟା କରନ୍ତୁ ନାହିଁ । ଭଗବାନଙ୍କ ପାଦ ପଦ୍ମରେ ନିଜକୁ ସମର୍ପଣ କରିଦେଲେ ଭଗବାନ ତାହାର ଦାୟିତ୍ୱ ବହନ କରିବେ । ଜଣେ ଭକ୍ତ କହିଲେ, ମୁଁ କୋଟି କୋଟି ଜନ୍ମ ନେଲେ ମଧ ମୋର କିଛି ଯାଏ ଆସେ ନାହିଁ । କିନ୍ତୁ ମୁଁ ଯେପରି ଭଗବାନଙ୍କ ପ୍ରତି ଅଖଣ୍ଡ ଭକ୍ତି ମୋ ହୃଦୟରେ ସ୍ୱତଃପ୍ରବୃତ୍ତ ହୋଇ ରହିଥାଉ ଏବଂ ମୁଁ ଆଧାତ୍ମିକ ଶକ୍ତି, ନିଃସ୍ୱାର୍ଥପର ସେବା ଭାବନା, ପବିତ୍ରତା ଏବଂ ଦିବ୍ୟଗୁଣ ସମୂହ ଦ୍ୱାରା ବିଭୂଷିତ ହୋଇ ରହିଥାଏ ।

ପ୍ରକୃତ ଭକ୍ତିଭାବ ନ ଥାଇ ଯଦି ଜଣେ ସାଧାରଣ ଭାବରେ କହିବେ ହେ ପ୍ରଭୁ! ମୁଁ ତୁମର' ଏହାଦ୍ୱାରା ସମର୍ପଣ ଭାବନା ଆସିବ ନାହିଁ । ଏହି ସମର୍ପଣ ଭାବନା ହୃଦୟର ଗଭୀରତମ ପ୍ରଦେଶରୁ ଆସିବା ଦରକାର । ସମର୍ପିତ ହେଲା ପରେ ଯେଉଁ ବିଶେଷ ପରିବର୍ତ୍ତନ ଆସିବ ସେଥିପାଇଁ ପ୍ରସ୍ତୁତ ଥିବା ସର୍ବାଦୌ ବାଞ୍ଛନୀୟ । ସେଥିପାଇଁ ପୂର୍ବର ସମସ୍ତ କୁଅଭ୍ୟାସକୁ ପରିତ୍ୟାଗ କରିବା ପାଇଁ ପଡିବ । ନିଜର ଇଚ୍ଛାନୁସାରେ ସମସ୍ତ କାର୍ଯ୍ୟ ସଂଗଠିତ ହେବ, ଏପରି ଚିନ୍ତା କରିବା ଅନୁଚିତ । ଭଗବତ ଇଚ୍ଛାକୁ ପରିପୂର୍ଣ୍ଣ କରିବା ପାଇଁ ଜୀବନଧାରଣ କରିଛନ୍ତି ଏହି ଭାବନା ରହିବା ଉଚିତ । ଭଗବତ୍ କୃପାକୁ ବା ଭଗବତ୍ ଶକ୍ତିକୁ ନିଜର ସ୍ୱାର୍ଥନିମିତ୍ତ ବ୍ୟବହାର କରିବା ଉଚିତ ନୁହେଁ । ହୃଦୟ ମଧରେ ଛପି ରହିଥିବା ଅଦମନୀୟ ଅହଂକାର ବିଭିନ୍ନ ଭାବରେ ନିଜର ପୂର୍ବ ପ୍ରବୃତ୍ତି ସମୂହର ବିକାଶ କରିବା ପାଇଁ ଜିଦଖୋର ମନୋବୃତ୍ତି ପ୍ରକାଶ କରିବ । ଏହି ଅହଂକାର ସେହି ଦିବ୍ୟସତ୍ତା ନିକଟରେ ସମର୍ପିତ ହେବା ପାଇଁ ସର୍ବଦା ଅନିଚ୍ଛା ପ୍ରକାଶ କରିବ । ଏହି କାରଣରୁ ସାଧକମାନେ ବହୁବର୍ଷ ଧରି ସାଧନ କରି ଚାଲୁଥିଲେ ମଧ ଆଧାତ୍ମିକ ମାର୍ଗରେ ବିଶେଷ ଅଗ୍ରଗତି କରି ପାରନ୍ତି ନାହିଁ । ଆତ୍ମ ସମର୍ପଣ ଦ୍ୱାରା ସାଧକ ଭଗବାନଙ୍କ ଠାରୁ ସବୁକିଛି ପାଇଥାନ୍ତି । ଏହାଦ୍ୱାରା ତାଙ୍କରକୌଣସି କ୍ଷତି ହୋଇ ନ ଥାଏ । ସଂସାରର ବିଷୟଭୋଗ ପ୍ରତି ବୀତସ୍ପୃହ ଥିବାରୁ ଈଶ୍ୱରୀୟ ସମସ୍ତ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥାନ୍ତି ତଥା ଉପଭୋଗ କରିଥାନ୍ତି । ଆଧାତ୍ମମାର୍ଗରେ କ୍ଷୁଧିତ ଏବଂ ତୃଷିତ ସାଧକ ଯାହାଙ୍କର ଭଗବତ୍ ଦର୍ଶନ ଏକାନ୍ତ କାମ୍ୟ, ସେ ନିଜର ଶରୀର, ଜୀବନ, ମନ ଏବଂ ଆତ୍ମାକୁ ଭଗବାନଙ୍କ ପାଦପଦ୍ମରେ ଆନନ୍ଦ ବିଭୋର ଚିତ୍ତରେ ସମର୍ପଣ କରି ଦେଇଥାନ୍ତି । ଏହି ସଂସାର ମଧରେ ରହି ମଧ ଯେକୌଣସି ସାଧକ ଯାହାଙ୍କର ତୀବ୍ର ବୈରାଗ୍ୟ ତଥା ବିବେକ ଜାଗ୍ରତ ହୋଇଛି ଏବଂ ଆଧାତ୍ମିକ ମାର୍ଗରେ ଅଗ୍ରସର ହେବା ପାଇଁ ପ୍ରବଳ ଆକାଂକ୍ଷା ସେ ପୂର୍ଣ୍ଣଭାବେ ଆତ୍ମ ସମର୍ପଣ କରିପାରିବେ ।

ସାଧକର ଐକାନ୍ତିକ ଭକ୍ତି ବଳରେ ଶରଣାଗତିର ପୂର୍ଣ୍ଣତା ପ୍ରାପ୍ତ ହେଲେ ହୃଦୟ ମଧରେ ଦିବ୍ୟ ଜ୍ଞାନର ସୂର୍ଯ୍ୟୋଦୟ ହେବା ଦ୍ୱାରା ଆତ୍ମଜ୍ଞାନ ଲାଭ ହୋଇଥାଏ । ଆତ୍ମଜ୍ଞାନ ଲାଭ ହେବା ଦ୍ୱାରା ସେ ଅନ୍ତର ମଧରେ ଏବଂ ବହିର୍ଜଗତର ଚତୁର୍ଦ୍ଦିଗରେ କେବଳ ଭଗବାନଙ୍କୁ ଉପଲବ୍ଧି କରିପାରନ୍ତି । ଏହି ଅବସ୍ଥାରେ ସେ ଯେଉଁ କାର୍ଯ୍ୟ କରନ୍ତି ତାହା ଗୁରୁ ତଥା ଗୋବିନ୍ଦଙ୍କୁ ସମର୍ପିତ ହୋଇଥିବାରୁ ସେ କର୍ମ ତାଙ୍କୁ ବନ୍ଧନରେ ପକାଇ ନ ଥାଏ । ସେ ଏଭଳି କର୍ମ କରନ୍ତି ନାହିଁ ଯାହା ନିଜ ପାଇଁ କରୁଛନ୍ତି ବୋଲି ବିବେଚିତ ହେବ ।

ପ୍ରାଥମିକ ଅବସ୍ଥାରେ ସାଧନା ନିମନ୍ତେ ବ୍ୟକ୍ତିଗତ ଚେଷ୍ଟା ଏକାନ୍ତ ଆବଶ୍ୟକ । ସମ୍ପୂର୍ଣ୍ଣ ରୂପେ ସମର୍ପିତ ହୋଇଗଲେ ଭଗବତ୍ କୃପାର ଧାରା ସାଧକ ଉପରେ ସ୍ୱତଃ ବୃଷ୍ଟି ହୋଇଥାଏ ଏବଂ ଭଗବତ୍ ଶକ୍ତି ସାଧକର ସାଧନା ପଥକୁ ସୁଗମ କରିଥାଏ । ସାଧକର ମନ, ପ୍ରାଣ, ଶରୀର ଏବଂ ଇଚ୍ଛାଶକ୍ତି ଭଗବତମୟ ହୋଇଯାଏ । ଏହି ଅବସ୍ଥାରେ ସାଧନା ତୀବ୍ରବେଗ ଧାରଣ କରେ । ପରିଶେଷରେ ସାଧକର ମନ ଆତ୍ମାରେ ବିଲୀନ ହୋଇ ଜୀବନ୍ମୁକ୍ତି ଲାଭ କରେ ।

ଏହି ଅବସ୍ଥାରେ ସାଧକ ଭଗବାନଙ୍କ ଠାରୁ ବିମୁଖ ହେଲେ ମଧ ଭଗବାନ ତାକୁ ଅତ୍ୟନ୍ତ ଭଲ ପାଆନ୍ତି । ଯଦି ସାଧକ ବିଶ୍ୱାସ ଏବଂ ଭକ୍ତି ସହକାରେ ତାଙ୍କ ଆଡ଼କୁ ପୁନଃଧାବନ କରନ୍ତି ତେବେ ଭଗବାନ ତାଙ୍କୁ କୋଳେଇ ନିଅନ୍ତି । ଭକ୍ତଙ୍କ ପ୍ରତି ଭଗବାନଙ୍କ ପ୍ରେମ ବର୍ଣ୍ଣନାତୀତ । ତାଙ୍କର ପ୍ରେମ ସର୍ବୋଚ୍ଚତର ପର୍ବତଠାରୁ ମଧ ସର୍ବୋଚ୍ଚତମ । ତାଙ୍କର ଶ୍ରଦ୍ଧା ଗଭୀରତର ସମୁଦ୍ରଠାରୁ ମଧ ଗଭୀରତମ ।

# ରାମାୟଣ କଥା : ଧର୍ମ ଯୁଦ୍ଧର ପ୍ରଥମ ସହିଦ



ଡ଼ଃ ପ୍ରମୋଦ କୁମାର ପଣ୍ଡା

ଶରାଘାତ ହୁଅନ୍ତେ ପ୍ରକଟ ହେଲା ସୁନା ମିରିଗ ନିଜସ୍ୱ ଅସଲ ସ୍ୱରୂପରେ । ଶହେ ଯୋଜନ ନିକ୍ଷେପିତ ତାଡକା ପୁତ୍ର ମାରିଚ । ଆଶ୍ଚର୍ଯ୍ୟ ଚକିତ ପ୍ରଭୁ ରାମଚନ୍ଦ୍ର । କିଂ କର୍ତ୍ତବ୍ୟ ବିମୂଢ଼ । ସ୍ତବ୍ଧ ପ୍ରାୟ । 'ମାତା ସୀତା ସଂକଟରେ, ତାଙ୍କୁ ରକ୍ଷା କରନ୍ତୁ 'ଯୋଡହସ୍ତ ମାରିଚର ବିନମ୍ର ନିବେଦନ ଧାନ ଭଙ୍ଗ କଲା ତାଙ୍କର । ମାୟାବୀ ମାରିଚ ପ୍ରାଣ ତ୍ୟାଗିଲା । ଅତର୍କ୍କା ଧାଇଁଲେ ସେ ପର୍ଣ୍ଣକୁଟୀର ଅଭିମୁଖେ । ସ୍ପଷ୍ଟ ଦୃଶ୍ୟମାନ ହେଉଥାଏ ସୁନା ମୃଗର କୁଟିଳ ନାଟ । ମାରିଚ କୃତ କଳା କାରନାମାର କରୁଣ ପରିଣତି । ଦେବୀ ସୀତାଙ୍କ ଦୁରାଗ୍ରହର ଦୂରବସ୍ଥା । ପର୍ଣ୍ଣକୁଟୀର ଥିଲା ସମ୍ପୂର୍ଣ୍ଣ ରିକ୍ତ । ପୁରାପୁରି ଶୂନଶାନ । ବିରାନ ରହିଥିଲା କେବଳ ସୀତାଙ୍କ ସ୍ମୃତି । ରାମ ଲକ୍ଷ୍ମଣଙ୍କ ବିଳାପ । ଆନ୍ତରିକ ପୀଡା, ପ୍ରଳାପ ଏବଂ ପଶ୍ଚାତ୍ତାପ ମୃଗତୃଷ୍ଣା ପଛରେ ଧାଇଁବାର ଦୁର୍ବାର ଦୁଃସାହସ । ଅଧୀରତାର ଅନୁଚିତ ପଦକ୍ଷେପ ।

ବିନା କାଳ ବିଳମ୍ବରେ ରାମଲକ୍ଷ୍ମଣ ବାହାରିଲେ ମାତା ସୀତାଙ୍କ ସନ୍ଧାନରେ । ଖୋଜିବାକୁ । ଖବର ନେବାକୁ । ପରନ୍ତୁ ନିର୍ଜନ ଘନଘୋର ଜଙ୍ଗଲରେ କେଉଁଠି ଖୋଜିବେ ସୀତାଙ୍କୁ ? ପଚାରିବେ ଅବା କାହାକୁ ? ଏଠିତ ବନସ୍ପତି, ବନ୍ୟଜନ୍ତୁ, ବଣପାହାଡ଼, ନଦୀନାଳ ତାଙ୍କର ସାଥୀ । ସବୁଦିନିଆ ସହଚର ।

ସାରା ପଞ୍ଚବଟୀ ଛାନ ମାରିଲେ ଦି ଭାଇ । ବିଦଗ୍ଧ ମନ । ଅବଶ ଶରୀର । ଖୋଜିଖୋଜି ନୟାନ୍ତ । ନା ସୋର ନା ସୁରାକ । ନୟନ ଚାରି ଛଳ ଛଳ । ଅଶ୍ରୁପୂର୍ଣ୍ଣ । ଠିକ ଏତିକି ବେଳେ ଦେଖାହେଲା ଆଘାତପ୍ରାପ୍ତ ପକ୍ଷଚ୍ୟୁତ ଏକ ଶକୁନି ସହିତ । ଲହୁଲୁହାଣ । ରକ୍ତ ଜୁଡୁବୁଡୁ ଶରୀର । ଉଡାଣ ସାମର୍ଥ୍ୟ ହରାଇ ସ୍ଥାଣୁ ସଦୃଶ ପଡି ରହିଛନ୍ତି ଗୋଟିଏ ସ୍ଥାନରେ । ନିଜ ବ୍ୟଥା ବ୍ୟକ୍ତ ନକରି କୃପାଳୁ ରାମଚନ୍ଦ୍ର ତାଙ୍କ ପୀଡ଼ାର କାରଣ ପଚାରନ୍ତେ ଦେବୀ ସୀତାଙ୍କ ଅପହରଣ ବୃତ୍ତାନ୍ତ ଆମୁଲଚୁଳ ବର୍ଣ୍ଣନା କରିବାକୁ ଲାଗିଲେ ସେ । ପର ନାରୀ ହରଣ ଦୁଷ୍କର୍ମର ପ୍ରତିବାଦ କରିବାକୁ ଯାଇ ତାଙ୍କର ଏ ଅବସ୍ଥା । ଯୁଦ୍ଧରେ ପରାଜିତ । ପକ୍ଷ ଛେଦନ । ପରନ୍ତୁ ନିଜର ପରାଜୟ ଓ ପକ୍ଷ ଛେଦନ ପାଇଁ ସେ ଆଦୌ ବିଚଳିତ କିମ୍ବା ବିବ୍ରତ ନୁହନ୍ତି । ତାଙ୍କର ଦୁଃଖ, ସେ ବେସାହାରା ଏକଲା ନାରୀକୁ ସୁରକ୍ଷା ଦେଇ ପାରିଲେନି । ପାପାତ୍ମା ପର ନାରୀ ହରଣରେ ସମର୍ଥ ହେଲା ଆଉ ସେ ପ୍ରତିହତ କରିବାରେ ଅସମର୍ଥ । ବେଦନାରେ ଛଟପଟ ରୋଦନରତା ରମଣୀର ଉଦାସ ମୁଖମଣ୍ଡଳର ନେତ୍ର ଯୁଗଳ ଏବେ ବି ଚାହିଁ ରହିଥିବ କୌଣସି ଅଜଣା ଓ ଅଦୃଶ୍ୟ ସହାୟତାକୁ । ଦେଖି, ଭୀତତ୍ରସ୍ତା ହେଉଥିବ କ୍ରୁର ରାକ୍ଷସର ଭୟାବହତାକୁ ।

ଡେଣା ବିହୀନ ଅସହାୟ ପକ୍ଷୀର ମୁଣ୍ଡ ସ୍ନେହରେ ନିଜ କୋଳରେ ରଖିଲେ ରାମଚନ୍ଦ୍ର । ଦେହକୁ ଦିବ୍ୟ ହସ୍ତରେ ଆଉଁସି ତାର ଦୁଃଖ ଲାଘବ କରିବାର ପ୍ରଚେଷ୍ଟା କଲେ । ନିଜର ପରିଚୟ ପ୍ରଦାନ କରିବାକୁ ଅନୁରୋଧ କଲେ । ମୁମୂର୍ଷୁ ପକ୍ଷୀ ଶ୍ରୀହସ୍ତ ପରଶରେ ମନର ପୀଡା ପାଶୋରି କହିଲେ, ସେ ପକ୍ଷୀରାଜ ଗରୁଡ଼ ବଂଶଜ । ପ୍ରଜାପତି କାଶ୍ୟପ ଓ ତାଙ୍କ ପତ୍ନୀ ବିନୀତାଙ୍କ ଦୁଇ ପୁତ୍ର ଥିଲେ । ଗରୁଡ଼ ଏବଂ ଅରୁଣ । ଗରୁଡ଼ ଭଗବାନ ବିଷ୍ଣୁଙ୍କ ଶରଣ ଗଲେ । ଛୋଟଭାଇ ଅରୁଣ ସୂର୍ଯ୍ୟଦେବଙ୍କ ସାରଥୀ । ଅରୁଣଙ୍କ ଦୁଇ ପୁତ୍ର । ସମ୍ପାତି ଓ ଜଟାୟୁ । ସମ୍ପାତି ଜ୍ୟେଷ୍ଠ, ଜଟାୟୁ କନିଷ୍ଠ । ମୁଁ ଅରୁଣଙ୍କ କନିଷ୍ଠ ପୁତ୍ର ଜଟାୟୁ । ସମ୍ପାତିର ଛୋଟ ଭାଇ । ପକ୍ଷୀରାଜ ଗରୁଡଙ୍କ ପୁତୁରା ।

ଜଟାୟୁ ବାସ୍ତବରେ ଜଣେ ପକ୍ଷୀରୂପୀ ଦେବତା । ଦେବପକ୍ଷୀ । ମହାରାଜ ନେମୀଙ୍କ ପୁରାତନ ବନ୍ଧୁ । ଶ୍ରୀରାମଚନ୍ଦ୍ରଙ୍କ ପିତା ସମାନ । ମହାରାଜ ଦଶରଥଙ୍କ ଠାରୁ ପିଲାବେଳେ ସେ ଜଟାୟୁ ବିଷୟରେ ଅବଗତ ଥିଲେ । ଶୁଣିଥିଲେ ତାଙ୍କ ଗୌରବ ଗାଥା । ଆଜି ସାକ୍ଷାତ ଦର୍ଶନ ପାଇ ସ୍ୱର୍ଗବାସୀ ପିତାଙ୍କୁ ସ୍ମରଣ କରିବାକୁ ଲାଗିଲେ । ଦିଧାର ତତଲା ଲୁହ ଗଡି ପଡିଲା ତାଙ୍କ ଅଜାଣତରେ । ରାକ୍ଷସ ରାବଣ ସୀତାଙ୍କୁ ହରଣ କରି ଦକ୍ଷିଣ ଦିଗକୁ ନେବା ଖବର ତାଙ୍କୁ ପ୍ରାପ୍ତ ହେଲା ଜଟାୟୁ ପାଖରୁ । ଯନ୍ତ୍ରଣାରେ ଛଟପଟ ଜଟାୟୁ ରାମଙ୍କୁ ସମସ୍ତ ବିଷୟ ଅବଗତ କରାଇ ପ୍ରାଣ ଛାଡିଲେ ତାଙ୍କ ମହାର୍ଘ କୋଳରେ । ନାରୀ ସୁରକ୍ଷାରେ ଉତ୍ସର୍ଗୀକୃତ ଜଟାୟୁଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କଲେ ରାମଚନ୍ଦ୍ର ଓ ଲକ୍ଷ୍ମଣ । ଜଟାୟୁଙ୍କ ବଳିଦାନ ପାଇଁ ଭୂରିଭୂରି ପ୍ରଶଂସା କଲେ ତାଙ୍କୁ ।

ଦଶରଥଙ୍କ ମୃତ୍ୟୁ ବେଳାରେ ରାମଚନ୍ଦ୍ର ଉପସ୍ଥିତ ନଥିଲେ । ପିତାଙ୍କ ଶୁଦ୍ଧିକ୍ରିୟା କରିବାର ସୌଭାଗ୍ୟ ତାଙ୍କୁ ଜୁଟି ନାଥିଲା । ନିୟତି ଲିଖନ କେ କରିବ ଆନ । ଏବେ ପିତୃ ସଖା ଜଟାୟୁଙ୍କ ମୃତ ଶରୀର ତାଙ୍କ କୋଳରେ । ପିତାଙ୍କ ସଖା ସଦା ପିତା ତୁଲ୍ୟ । ତାଙ୍କ ଅନ୍ତିମ ସଂସ୍କାର ପିତାଙ୍କ ଅନ୍ତିମ ସଂସ୍କାର ଠାରୁ କିଛି କମ ନୁହେଁ । ପୂର୍ବଜନ୍ମକୃତ ସୌଭାଗ୍ୟ ମନେକରି ଉଭୟ ଭାଇ ଦେବ ପକ୍ଷୀ ଜଟାୟୁଙ୍କ ଶବଦାହ ଓ ଶେଷକୃତ୍ୟ ସମ୍ପନ୍ନ କଲେ । ପୁତ୍ର ଧର୍ମ ପାଳନ କଲେ । ଜଟାୟୁ ମରିକି ବି ଅମର ରହିଲେ ସବୁଦିନ ପାଇଁ ।

ରାମାବତାର ଜଗତ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ରାମାୟଣର ଏକ ବିଶେଷ ପାତ୍ର ଜଟାୟୁ । ସୀତା ହରଣର ପ୍ରଥମ ସମ୍ବାଦଦାତା । ଅନ୍ୟାୟ ବିରୁଦ୍ଧରେ ଉଠିଥିବା ପ୍ରଥମ ଶାଣିତ ସ୍ୱର । ରାମସେନାର ପ୍ରଥମ ନିର୍ଭିକ ସୈନିକ । ଧର୍ମ ଯୁଦ୍ଧର ପ୍ରଥମ ସହିଦ । କାଳର ବଶ ଏ ଜଗତ, ପ୍ରାଣୀଏ କାଳର ଆୟତ୍ତ । ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେବି ମରଇ । ଜଗତ ଓ ଜୀବନ ଉଭୟ ସମୟର କ୍ଷିପ୍ର ସ୍ରୋତରେ ସଦା ପ୍ରବାହମାନ । କାଳ କବଳରୁ କିଏ ବା ବଂଚିଛି ? ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ । ଅପିତୁ ଦିବ୍ୟ କୋଳରେ କାଳର କାଳ ପ୍ରାପ୍ତି ସ୍ୱୀକୃତି କେବଳ କାଳଜୟୀକୁ ପ୍ରାପ୍ତ ହୋଇଥାଏ । ପରୋପକାରୀ ଜଟାୟୁଙ୍କୁ ଏ ପରମ ଅବସର ମିଳିବନି କିପରି ? ପୁରୁଷାର୍ଥ କଲେ ପୁଣ୍ୟ ମିଳେ । ପୁଣ୍ୟରୁ ପରମ ଧାମ । ରାମ ଚରିତ ଆମକୁ ଏହା ଶିଖାଏ ।ଦେଖାଯିବ କର୍ମଫଳ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

# ସଂସ୍କାର କ୍ରାନ୍ତିର ଅଗ୍ରଦୂତ ହୋଇଥାନ୍ତି ସନ୍ଥ

ନିଜର ଚରିତ୍ର, ଚିନ୍ତନ ଓ ବ୍ୟବହାର ଉଦାହରଣ ଦ୍ୱାରା ଯିଏ ସୁସଂସ୍କୃତ ଜୀବନର ଶିକ୍ଷଣ-ପ୍ରଶିକ୍ଷଣ ଦିଅନ୍ତି, ସେ ହିଁ ସନ୍ଥ ଅଟନ୍ତି । ଯିଏ ଉପଦେଶ ଦ୍ୱାରା ନୁହେଁ, ବରଂ ନିଜର କୃତିତ୍ୱ ଓ ବ୍ୟକ୍ତିତ୍ୱର ଆଧାରରେ ଅନ୍ୟମାନଙ୍କୁ ଜାଗ୍ରତ କରାନ୍ତି ଏବଂ ଜାଗ୍ରତମାନଙ୍କୁ ଦୌଡାନ୍ତି, ବାସ୍ତବରେ ସେ ହିଁ ସନ୍ଥ ହୋଇଥାନ୍ତି । ଯିଏ ନିଜର ବାସନା, କାମନା ଓ ଅହଂକାର ଉପରେ ନିୟନ୍ତ୍ରଣ ରଖି ନିଜେ ନିଜକୁ ସୁଧାରି ମାନବ ଜୀବନର ପ୍ରତ୍ୟେକ ମୁହୂର୍ତ୍ତର ସଦୁପଯୋଗ କରିବାର ଶିକ୍ଷଣ ଦିଅନ୍ତି, ସେ ସନ୍ଥର ପରିଭାଷାରେ ଆସନ୍ତି । ସନ୍ଥ ହିଁ ମନଃସ୍ଥିତିକୁ ନିୟନ୍ତ୍ରିତ ରଖନ୍ତି, ବିଚାରଗୁଡିକର ବିଶୃଙ୍ଖଳାକୁ ଠିକ୍ କରନ୍ତି ଆଉ ନିଜକୁ ଆଦର୍ଶବାଦୀ ଉତ୍କୃଷ୍ଟତାକୁ ଜୀବନରେ ଉତାରିବାର ପ୍ରୟୋଗଶାଳା କରି ନିଜର ଜୀବନ୍ତ ଉଦାହରଣ ପ୍ରସ୍ତୁତ କରନ୍ତି । ମାନବୀୟ ଜୀବନର ସମସ୍ତ ସମସ୍ୟାର ସମଗ୍ର ସମାଧାନ ସନ୍ଥମାନଙ୍କ ସଂସ୍କାର ସଂସ୍କୃତିରେ ହିଁ ନିହିତ । ସନ୍ଥ ନିଷ୍କଳୁଷ, ନିଷ୍କପଟ ଓ ସରଳ ଜୀବନଯାପନ କରନ୍ତି । ତାଙ୍କ ଜୀବନ ଏତେ ପବିତ୍ର, ପୁଣ୍ୟ ଓ ଦିବ୍ୟ ହୋଇଥାଏ, ଯଦ୍ୱାରା ସଂସାର ପାଇଁ ସେ ପ୍ରେରଣାସ୍ପଦ ହୋଇଥାନ୍ତି । ତାଙ୍କ ଭିତରେ ସାଂସାରିକ କାମନା ନ ଥାଏ, ବରଂ ସେ ସଂସାରକୁ ଶିକ୍ଷଣ ଦେବା ପାଇଁ ଆସନ୍ତି । ସେ କାହାକୁ ଅଳଂକୃତ ଶୈଳୀରେ ଉପଦେଶ ଦିଅନ୍ତି ନାହିଁ । ତାଙ୍କ ବକ୍ତବ୍ୟ ଶୁଣିବାକୁ ସାଧାରଣ ଲାଗିପାରେ, କିନ୍ତୁ ତାଙ୍କର ପ୍ରଭାବ ଅତ୍ୟନ୍ତ ଗଭୀର ହୋଇଥାଏ । ସନ୍ଥଙ୍କର ଜୀବନ ହିଁ ଉପଦେଶ, ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଶୁଭ, ମଙ୍ଗଳ ଓ ଶ୍ରେଷ୍ଠ ହୋଇଥାଏ । ଏଣୁ ତାଙ୍କର ପ୍ରତ୍ୟେକ କର୍ମ ପ୍ରଶଂସନୀୟ ଓ ଅନୁକରଣୀୟ ହୋଇଥାଏ, କାରଣ ସନ୍ଥଙ୍କ କର୍ମ ସ୍ୱାର୍ଥ ଓ ଅହଂକାରର ଉର୍ଦ୍ଧ୍ୱରେ ହୋଇଥାଏ । ସେ ଏପରି କୌଣସି ବି କର୍ମ କରନ୍ତି ନାହିଁ, ଯଦ୍ୱାରା ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ସାଧିତ ହେଉଥିବ ବା ତାଙ୍କ ଅହଂକାର ପୋଷିତ ହେଉଥିବ । ଏହି କାରଣରୁ ସନ୍ଥଙ୍କ ଜୀବନ ନିଷ୍କଳୁଷ ହୋଇଥାଏ । ବର୍ତ୍ତମାନ ସମୟରେ ଭୌତିକତା ତାହାର ଚରମ ସୀମାକୁ ପାର କରି ଯାଇଛି । ଭୌତିକତାର ଏହି ଉଦ୍ଦାମ ପ୍ରବାହରେ ମନୁଷ୍ୟ ବୁଡ଼ିଯାଉଛି, କେଉଁଠି ବି କୌଣସି କୂଳ ଦେଖାଯାଉ ନାହିଁ । ବ୍ୟକ୍ତିର କଷ୍ଟ, କ୍ଳେଶ, ସଂକଟ ବଢ଼ି ଚାଲିଛି । ଏଠାରେ ତା'ର ନିଜ ଉପରେ କୌଣସି ଶାସନ, ଅନୁଶାସନ, ସଂଯମ ନାହିଁ । ସେ ଉଚ୍ଛୃଙ୍ଖଳ ହୋଇ ଉଚିତ ଅନୁଚିତର ସମସ୍ତ ଭେଦକୁ ଭାଙ୍ଗି ବଢ଼ି ଚାଲିଛି । କେବଳ ଭୟ, କୁଣ୍ଠା, ଅସ୍ଥିରତାର ଲହରରେ ତା'ର ଚେତନ ଓ ଅଚେତନ ମନ ବଦଳୁଥାଏ । ପରସ୍ପରର ସଂଘର୍ଷରେ ଅଚାନକ ଯୋଡି ହୋଇଯିବା ଏବଂ ଭାଙ୍ଗିବା, ବିଚ୍ଛିନ୍ନ ହେବାର କ୍ରମରେ ମାନବୀୟ ସମ୍ବନ୍ଧ ସୀମାବଦ୍ଧ ହୋଇଯାଇଛି । ସାମାଜିକ ଆଚାର, ବ୍ୟବହାର ଅଜଣା ଅପରିଚିତ ହୋଇ ଯାଇଛି ଯେମିତି । ନା ଆମେ କାହାକୁ ଚିହ୍ନୁଛୁ, ନା ଆମକୁ କିଏ ଚିହ୍ନୁଛି । ଆପଣା ଲୋକଙ୍କ ମଧ୍ୟରେ ବି ଏକ ବିଚିତ୍ର ପ୍ରକାର ଅପରିଚିତି ଛାଇଯାଇଛି । ଜୀବନର ପ୍ରବାହରେ ପ୍ରେମ, କରୁଣା, ବିଶ୍ୱାସ, ଶ୍ରଦ୍ଧା ଓ ନିଷ୍ଠାକୁ ଦୋହଲାଇ ଦେବା ପାଇଁ, ସଂବେଦନ ଓ ସ୍ପନ୍ଦନକୁ ନିଜର ସ୍ପର୍ଶ ଦ୍ୱାରା ଜଡ଼ କରି ଦେଉଥିବା ରାକ୍ଷସ ବାଟ ଓଗାଳି ଛିଡା ହୋଇଯାଇଛି । ଏଥିରୁ କିପରି ମୁକୁଳିବାକୁ ହେବ, ଯଦ୍ୱାରା ମାନବୀୟ ଅନ୍ତଃକରଣ ପୁନଃ ସଂବେଦନାରେ ସିକ୍ତ ହୋଇ ପାରିବ ? ଆମ ଦେଶର ଏହି ପାବନ ଏବଂ ପୁଣ୍ୟ ଭୂମିରେ ଜନ୍ମିତ ସନ୍ଥମାନଙ୍କ ସଂସ୍କାର ସଂସ୍କୃତି ପ୍ରଧାନ ଚିନ୍ତନ ହିଁ ଏହାର ଏକମାତ୍ର ସମାଧାନ । ସନ୍ଥଙ୍କ ପାଖରେ ମାନବୀୟ ଏବଂ ବୈଶ୍ୱିକ ସମସ୍ୟାଗୁଡିକର ସମଗ୍ର ଓ ସୁନିଶ୍ଚିତ ସମାଧାନ ହୋଇଥାଏ । ସନ୍ଥ ପ୍ରତ୍ୟେକ ସ୍ତରରେ କରାଯାଇଥିବା ପ୍ରତ୍ୟେକ ପ୍ରକାରର ବିଭାଜନକୁ ଭାଙ୍ଗି ଧରାଶାୟୀ କରି ଦିଅନ୍ତି । ସାଧାରଣ ଲୋକଙ୍କ ପାଇଁ ପଦଚିହ୍ନ ପଥପ୍ରଦର୍ଶକ ହୋଇଥାଏ । ସେ ଏହି ପଥରେ ଅଗ୍ରସର ହୋଇ ନିଜର ଗନ୍ତବ୍ୟ ପର୍ଯ୍ୟନ୍ତ ପହଞ୍ଚିବାର ପ୍ରୟାସ କରନ୍ତି । ସନ୍ଥଙ୍କର ଏହି ମାର୍ଗ ମୌଳିକ ଅନୁଭୂତିରେ ପରିପୂର୍ଣ୍ଣ ହୋଇଥାଏ । ସନ୍ଥ ସଂସ୍କାର କ୍ରାନ୍ତିର ଅଗ୍ରଦୂତ ହୋଇଥାନ୍ତି । ସେ ନିଜର କୌଣସି ପାଦଚଲା ରାସ୍ତା ତିଆରି ନାହିଁ ଏବଂ ସେ ଉପରେ ଚାଲିବା ପାଇଁ କାହାକୁ ବାଧ କରନ୍ତି ନାହିଁ । ସେ ତ ବ୍ୟକ୍ତି ଓ ସମାଜର ସଂସ୍କାରଗୁଡିକରେ ଆମୂଳଚୁଳ ପରିବର୍ତ୍ତନ ଆଣିବାକୁ ଚାହାନ୍ତି । ସେ ବ୍ୟକ୍ତି ମଧ୍ୟରେ ରୂପାନ୍ତରଣ ଏବଂ ସାମାଜିକ ପରିବର୍ତ୍ତନ ଘଟିତ ହେବାକୁ ଚାହାନ୍ତି । ଏଥିରେ ହିଁ ମାନବୀୟ, ସାମାଜିକ ଓ ବୈଶ୍ୱିକେ ସମସ୍ୟାଗୁଡିକର ସମଗ୍ର ସମାଧାନ ନିହିତ । ସନ୍ଥ କେବେ ବି ଉପର ଦେଖାଣିଆ ବା କ୍ଷଣସ୍ଥାୟୀ ଭୌତିକ ପରିବର୍ତ୍ତନ ଆଣିବାର ପ୍ରୟାସ କରନ୍ତି ନାହିଁ । ତତ୍କାଳିକ ବା ସ୍ୱଳ୍ପସ୍ଥାୟୀ ପରିବର୍ତ୍ତନରେ ସେ କେବେ ବି ସମ୍ମତ ହୁଅନ୍ତି ନାହିଁ । ତାଙ୍କର ମୂଳ ଓ ବାସ୍ତବିକ ଉଦ୍ଦେଶ୍ୟ ପୂର୍ଣ୍ଣ, ସମଗ୍ର, ସର୍ବାଙ୍ଗୀନ କ୍ରାନ୍ତି ହୋଇଥାଏ । ସନ୍ଥ ଭୌତିକ ପରିବର୍ତ୍ତନ ସ୍ଥାନରେ ଆଧାତ୍ମିକ କ୍ରାନ୍ତିର ପକ୍ଷଧର ହୋଇଥାନ୍ତି । ଏହାଦ୍ୱାରା ବ୍ୟକ୍ତି ମଧ୍ୟରେ ଯେଉଁ ପରିବର୍ତ୍ତନ ଘଟିଥାଏ ତାହା ସ୍ଥାୟୀ ହୋଇଥାଏ, ଏଥିରେ ଉତ୍ଥାନ ପତନ ହୋଇ ନ ଥାଏ । ଏହାକୁ ରୂପାନ୍ତରଣ କହନ୍ତି । ରୂପାନ୍ତରଣରେ ମନୁଷ୍ୟ ଯେପରି ଦେଖାଯାଏ, ସେପରି ହିଁ ହୋଇଥାଏ, କିନ୍ତୁ ତା'ର ମନ, ଭାବ ଓ ବିଚାର ବଦଳି ଯାଇଥାଏ । ତା' ମଧ୍ୟରେ ପବିତ୍ରତା ପ୍ରଖରତା ଓ ସଜ୍ଜନତା ସମାହିତ ହୋଇଯାଇଥାଏ । ସବୁ ସନ୍ଥ କର୍ମକୁ ଶ୍ରେଷ୍ଠ ମାନନ୍ତି ଏବଂ ତାକୁ ଭକ୍ତି ଓ ଜ୍ଞାନ ଠାରୁ କମ୍ ଗୁରୁତ୍ୱ ଦିଅନ୍ତି ନାହିଁ, କାରଣ ନିଜର କର୍ମଗୁଡିକ ଦ୍ୱାରା ବି ପରମପିତା ପରମାତ୍ମାଙ୍କୁ ପ୍ରାପ୍ତ କରାଯାଇ ପାରେ ।

ସନ୍ଥ ସର୍ବଦା ସମ୍ପୂର୍ଣ୍ଣ ମାନବତାକୁ ଜୀବନଯାପନର କଳାର ପାଠ ପଢ଼ାନ୍ତି । ଏହି ପାଠ ମାଧ୍ୟମରେ ମନୁଷ୍ୟ ନିଜର ଅସ୍ତିତ୍ୱକୁ ବୁଝେ ଓ ଏହାରି ଅନୁରୂପ ଶ୍ରେଷ୍ଠତମ କାର୍ଯ୍ୟ କରି ଜୀବନର ନିର୍ବାହ କରିପାରେ । ସନ୍ଥମାନେ ଈଶ୍ୱର ପ୍ରେମ, ମାନବ ପ୍ରେମର ସନ୍ଦେଶ ଦେଇଛନ୍ତି । ତାଙ୍କ ସନ୍ଦେଶରେ ବ୍ରହ୍ମ ଆସିଲେ, ଈଶ୍ୱର ଆସିଲେ, ପରମାତ୍ମାଙ୍କ ଆଲୋକ ଆସିଲା । ସମତା, ଏକତା, ଶୁଚିତା ଓ ମମତାର ସନ୍ଦେଶ ଆସିଲା । ମାନବତାର ସନ୍ଦେଶ ସତ୍ୟମ୍ ଶିବମ୍ ସୁନ୍ଦର ଆସିଲା । ତାଙ୍କ ସନ୍ଦେଶରେ ସବୁ କିଛି ସମାହିତ ହେଲା । କାମ, କ୍ରୋଧ, ଲୋଭ, ମୋହ, ହିଂସାର ବିକାରଗୁଡିକର ଚର୍ଚ୍ଚା ହେବାରୁ ସେହି ବିକାରଗୁଡିକର ସମାଧାନର ସ୍ୱର ବି ଉଠିଲା । ସନ୍ଥମାନଙ୍କ ବାଣୀରୁ ଆମକୁ ବୈଚାରିକ ପୋଷଣ ସହିତ ଆତ୍ମିକ, ଆଧାତ୍ମିକ ପୋଷଣ ବି ପ୍ରାପ୍ତ ହେଲା । ଏଣୁ ସନ୍ଥମାନଙ୍କ ଦ୍ୱାରା ପ୍ରଦତ୍ତ ଜ୍ଞାନକୁ ଆମେ ବୁଝିବା ଏବଂ ହୃଦୟଙ୍ଗମ କରିବା ଦରକାର । ଏଥିରେ ସମ୍ପୂର୍ଣ୍ଣ ମାନବତାର, ଭାରତ ଓ ଭାରତୀୟତାର ସମୁଜ୍ଜ୍ୱଳ ଭବିଷ୍ୟତ ସୁରକ୍ଷିତ ରହିଛି ।

## ଆଜିର ଚିନ୍ତନ

ଶରୀର ବିନାଶୀ ଓ ଆତ୍ମା ଅବିନାଶୀ ଏହା ହିଁ ଶାଶ୍ୱତ ସତ୍ୟ । ଏଭଳି ତତ୍ତ୍ୱକୁ ଜାଣି ମଧ ଆତ୍ମ ତତ୍ତ୍ୱର ଉପାସନା କରିବାରେ କେହି ବି ମନ ପ୍ରାଣ ଦେଉନାହାନ୍ତି । ଆମ ଧର୍ମଗ୍ରନ୍ଥ ଏବଂ ଉପନିଷଦରେ ମଧ ସ୍ପଷ୍ଟ କୁହାହୋଇଛି ସମସ୍ତଙ୍କୁ ଆତ୍ମଦର୍ଶନ କରିବା ଉଚିତ୍ । ଆତ୍ମଦର୍ଶନ ହିଁ ମାନବ ଜୀବନର ପରମ ଲକ୍ଷ୍ୟ । ଏହି ପରମ ଲକ୍ଷ୍ୟରେ ସାଂସାରିକ କର୍ତ୍ତବ୍ୟର କୌଣସି ଅସଙ୍ଗତି ନାହିଁ । ଆଶା ଥାଏ ଯେ ସଂସାରରେ ରହିବା ସତ୍ତ୍ୱେ ସାଂସାରିକ କାର୍ଯ୍ୟ କରିବା ଅନିବାର୍ଯ୍ୟ । ହେଲେ ଏଭଳି କାର୍ଯ୍ୟରେ ଆସକ୍ତି ହୋଇଯିବା ବିଲକୁଲ ଠିକ୍ ନୁହେଁ । ଆସକ୍ତିର ଅଭାବ ହିଁ ମୁକ୍ତିର ପଥ ପରିଷ୍କାର କରିଥାଏ । ଦୁଃଖର କାରଣ ଆମର ଅନନ୍ତ ଅସୀମ ଇଚ୍ଛା । ଇଚ୍ଛା ପୂର୍ଣ୍ଣ ନହେଲେ ଆମେ ଦୁଃଖୀ ହୋଇଯାଉ । ପ୍ରୟାସ କଲେ ଇଚ୍ଛାକୁ କମ୍ କରିହେବ । ସଂସାରର ସମସ୍ତ ପଦାର୍ଥ ବିନାଶଶୀଳ । ଯାହା ଅବିନାଶୀ ତାହା ହେଉଛି ଆତ୍ମା । ଶରୀର ବିନାଶ ହେବା ପରେ ବି ଆତ୍ମା ଅଜର ଅମର ହୋଇ ରହିଥାଏ । ସେଥିପାଇଁ ଜୀବନରେ ସଚେତନ ହୋଇ ଆତ୍ମ ଚିନ୍ତନ କରିବା ଆବଶ୍ୟକ । ଜୀବନର ସମାପନ ବେଳ ଆସିବା ପୂର୍ବରୁ ପ୍ରଭୁ ପ୍ରାପ୍ତିର ମାର୍ଗ ପ୍ରଶସ୍ତ କରିବା ବିଧେୟ । ପ୍ରଭୁଙ୍କୁ ପ୍ରାର୍ଥନା କରି ଜଣାଇବାକୁ ହେବ-ହେ ଈଶ୍ୱର ! ମୋ ମନକୁ ଆପଣଙ୍କ ଚରଣରେ ଲଗେଇ ରଖନ୍ତୁ । ଜୀବନରେ ସତ୍ କର୍ମକୁ ଆପଣେଇ ପାପ କର୍ମରୁ ବିମୁଖ ହେବାକୁ ପଡିବ । କର୍ମ ସିଦ୍ଧାନ୍ତ ଅତୁଟ ଅଟେ । କରିଥିବା ଅପରାଧର ଦୁଃଷ୍ପରିଣାମ ନିଶ୍ଚୟ ଦିନେ ଭୋଗିବାକୁ ହେବ । ତେଣୁ ନିରନ୍ତର ପ୍ରୟାସ ଦ୍ୱାରା ଦୁଃ ଷ୍ପରିଣାମଠାରୁ ଦୂରେଇ ରହିବାକୁ ପଡିବ । କାହାକୁ ମାନସିକ କ୍ଳେଶ ଦେବା,କାହା ମନରେ ପୀଡା ଦେବା ପରିବର୍ତ୍ତେ ନିଜେ ନିଜକୁ ସଚେତନ କରିନେଲେ ଜୀବନ ସଫଳ ହେବ । ଏବେବି ସମୟ ଅଛି । ସମୟ ଥାଉ ଥାଉ ନିଜକୁ ସୁଧାରି ନେବା ପ୍ରତିଟି ବ୍ୟକ୍ତିର କର୍ତ୍ତବ୍ୟ । ସମୟ ହାତରୁ ଖସିଗଲେ ଦୁଃଖ, ଯନ୍ତ୍ରଣା ମନସ୍ତାପ, ଅବସାଦ ଛଡା ଆଉ କିଛି ମିଳିବ ନାହିଁ । ଆରାଧନା ଦ୍ୱାରା ଭଗବାନଙ୍କୁ ନିଜର କରିହେବ । ତେବେ ଯାଇ ମୁକ୍ତି ମିଳିବ । ଏହି କାର୍ଯ୍ୟକୁ ଆମେମାନେ ଯେତେ ବିଳମ୍ବ କରିବା ମୁକ୍ତିର ମାର୍ଗ ସେତେ ଦୂରସ୍ଥ ହେବ ।

ବର୍ଷ ୨୮, ସଂଖ୍ୟା - ୪୭, ୨୪ - ୩୦ ନଭେମ୍ବର ୨୦୨୪

# ବୁଦ୍ଧିଜୀବୀଙ୍କ ଦାୟିତ୍ୱ

**ଅ**ମୃତର ଉପାସନା- ବିଦ୍ୟା; ଜଡ଼ର ଉପାସନା- ଅବିଦ୍ୟା । ସଂସାରରେ ବଞ୍ଚି ରହିବାକୁ ହେଲେ ଉଭୟ ଅମୃତ ଓ ଜଡ଼ର ଉପାସନା ଅପରିହାର୍ଯ୍ୟ କାରଣ ବିଦ୍ୟା ହେଉଛି ଜ୍ଞାନତତ୍ତ୍ୱ ଓ ଅବିଦ୍ୟା ହେଉଛି କର୍ମତତ୍ତ୍ୱ । ଜ୍ଞାନତତ୍ତ୍ୱ ଓ କର୍ମତତ୍ତ୍ୱ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେଉଁମାନେ ସମାଜ ପାଇଁ ଦିଗବାରେଣୀ ସାଜନ୍ତି ସେମାନଙ୍କୁ କୁହାଯାଏ ବୁଦ୍ଧିଜୀବୀ । ବୁଦ୍ଧିଜୀବୀର ସଂଜ୍ଞା ଓ ପରିସର ବ୍ୟାପକ ଓ ବିସ୍ତୃତ । ସାହିତ୍ୟ, ବିଜ୍ଞାନ, ରାଜନୀତି, ରାଷ୍ଟ୍ରନୀତି, ଦର୍ଶନ, ଶିକ୍ଷା, ସମ୍ବାଦଠାରୁ ଆରମ୍ଭ କରି ସମାଜ ଓ ସାମାଜିକ ଜୀବନକୁ ପ୍ରଭାବିତ ଓ ପରିଚାଳିତ କରୁଥିବା ପ୍ରତ୍ୟେକ ବିଷୟକୁ ଯେଉଁମାନେ ଭାବାବେଗରେ ନୁହଁ ଭାବାଦର୍ଶରେ ପ୍ରଭାବିତ କରିଥାଆନ୍ତି ଆମେ ସେମାନଙ୍କୁ ସାଧାରଣତଃ ବୁଦ୍ଧିଜୀବୀ ବୋଲି କହିଥାଉ । ନିଜ ଦାର୍ଶନିକ ଚିନ୍ତାଧାରାକୁ ପ୍ରକୀର୍ଷିତ କରିବା ଦ୍ୱାରା ଯୁବ ସମାଜ ଭ୍ରମିତ ହେଉଛନ୍ତି ଭଳି ମିଥ୍ୟା ଆରୋପରେ ରାଜାଙ୍କ ଦ୍ୱାରା ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିବା ସକ୍ରେଟିସ୍ ହୁଅନ୍ତୁ କିମ୍ବା ନିଜର ବୈଜ୍ଞାନିକ ଜ୍ଞାନରେ ସୂର୍ଯ୍ୟ ସ୍ଥିର, ପୃଥିବୀ ଘୂର୍ଣ୍ଣାୟମାନ ବୋଲି ସିଦ୍ଧାନ୍ତ ଦେଇ ମୃତ୍ୟୁଦଣ୍ଡ ପାଇଥିବା ଗାଲିଲିଓ ହୁଅନ୍ତୁ, ଗଣତନ୍ତ୍ର ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କର ବୋଲି ଆହ୍ୱାନ ଦେଇ ଅଜଣା ଆତତାୟୀର ଗୁଳିର ଶିକାର ହୋଇଥିବା ଆବ୍ରାହମ୍ ଲିଙ୍କନ ହୁଅନ୍ତୁ କିମ୍ବା ନିଜର ଉଦାର ରାଜନୈତିକ ଓ ଧାର୍ମିକ ଭାବଧାରା ପାଇଁ ଗୁଳିବିଦ୍ଧ ହୋଇଥିବା ମହାତ୍ମା ଗାନ୍ଧୀ ଅବା ନିଜ ଲେଖନୀର ଶାଣିତ ସ୍ୱର ପାଇଁ ମୃତ୍ୟୁଦଣ୍ଡ ପାଇଥିବା ଦସ୍ତୋଭସ୍କି ହୁଅନ୍ତୁ ସମସ୍ତେ ବୁଦ୍ଧିଜୀବୀର ସଂଜ୍ଞା ସହ ଦାୟିତ୍ୱ ଓ ସ୍ଥାୟିତ୍ୱକୁ ସ୍ଥିରକରି ଯାଇଛନ୍ତି ।

ସାମାଜିକ ବ୍ୟବସ୍ଥାର ଆଦ୍ୟ ପ୍ରବକ୍ତା ମନୁ, ସାମାଜିକ ଜୀବନରେ ଶୃଙ୍ଖଳାର ପ୍ରବକ୍ତା ଶୁକ୍ର ତଥା ସମାଜ ଓ ଅର୍ଥନୀତିକୁ ଶୃଙ୍ଖଳିତ ମାର୍ଗ ଦର୍ଶନକାରୀ ଚାଣକ୍ୟଙ୍କ ସମୟରୁ ବୁଦ୍ଧିଜୀବୀମାନେ ସମାଜର ନୀତି, ଆଦର୍ଶ ସହ ଶାସକର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ନିଜର ସୂକ୍ଷ୍ମ ତଥା ସ୍ପଷ୍ଟ ବିଚାର ପ୍ରଦାନ କରି ସାମାଜିକ ସଂହତି ସହ ପ୍ରଗତିରେ ନିଜର ଭୂମିକା ନିର୍ବାହ କରିଆସିଛନ୍ତି । ସେଥିପାଇଁ ଶ୍ରମଜୀବୀଙ୍କ ଅପେକ୍ଷା ବୁଦ୍ଧିଜୀବୀଙ୍କର ସାମାଜିକ ସମ୍ମାନ ଓ ପ୍ରତିଷ୍ଠା ଅଧିକ ଥିଲା । ସମାଜ ସେମାନଙ୍କୁ ଉଚ୍ଚାସନ ଓ ଅଗ୍ରାଧିକାର ଦେଇ ତାଙ୍କର ଆଦେଶ ଓ ଉପଦେଶକୁ ଗ୍ରହଣ କରୁଥିଲା ।

ସମୟର ପରିବର୍ତ୍ତନ ସହ ବୁଦ୍ଧିଜୀବୀଙ୍କ ଚରିତ୍ର ଓ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଛି । ସମାଜର ନୀତି, ଆଦର୍ଶ ଓ ଶାସକର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସ୍ପଷ୍ଟ ବିଚାର ରଖୁଆସୁଥିବା ବୁଦ୍ଧିଜୀବୀମାନେ ଏବେ ଅପ୍ରିୟ ସତ୍ୟ କହିବାରୁ ନିଜକୁ ବିରତ ରଖୁଛନ୍ତି । ଏବେ ସେମାନେ ନିଜର ପ୍ରଜ୍ଞା ଅପେକ୍ଷା ନିଜର ପ୍ରସିଦ୍ଧି ଉପରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ଏ ପ୍ରସିଦ୍ଧି ମଧ ଲୋକ ପ୍ରସିଦ୍ଧି ନୁହଁ, ବରଂ ସରକାରୀ ଅନୁକମ୍ପା ଓ ଅନୁଗ୍ରହ ପ୍ରାପ୍ତ ପ୍ରସିଦ୍ଧିର ମୋହ । ଏବେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ପରିବ୍ୟାପ୍ତ । ଏ କଥାକୁ ଦେଖି ମଧ କୌଣସି ବୁଦ୍ଧିଜୀବୀ କେବେ ମୁହଁ ଖୋଲିବା ପରିଦୃଶ୍ୟ ହୁଏ ନାହିଁ । ପ୍ରାଥମିକ ଶିକ୍ଷାଠାରୁ ବିଶ୍ୱବିଦ୍ୟାଳୟ ଶିକ୍ଷା ଯାଏ ଶିକ୍ଷକ ଓ ଅଧାପକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ, ଅଥଚ ବୁଦ୍ଧିଜୀବୀ ନିରବ । ସରକାରୀ କ୍ଷେତ୍ରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଭେଷଜ ମହାବିଦ୍ୟାଳୟ ଯାଏ ସବୁଠି ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର, ବୁଦ୍ଧିଜୀବୀମାନେ ଏ ବିଷୟରେ କେବେ ଚିନ୍ତାପ୍ରକଟ କରିବା ପରିବର୍ତ୍ତେ ନିଜର ଆର୍ଥିକ ଶକ୍ତି ଯୋଗୁଁ ବେସରକାରୀ ଉନ୍ନତ ଚିକିତ୍ସାଳୟରେ ନିଜର ସ୍ୱାସ୍ଥ୍ୟ ସମସ୍ୟା ସୁଧାରି ପାରୁଥିବାରୁ ବେଶ୍ ଖୁସି । ବୁଦ୍ଧିଜୀବୀଙ୍କର ସନ୍ତାନମାନେ ଯେପରି ଆଉ ସରକାରୀ ସ୍କୁଲରେ ପାଠ ପଢୁନାହାନ୍ତି, ଠିକ୍ ସେମିତି ବୁଦ୍ଧିଜୀବୀମାନେ ଚିକିତ୍ସାଳୟରେ ଚିକିତ୍ସିତ ହୁଅନ୍ତି ନାହିଁ । ନିଜର ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଚିକିତ୍ସା ପାଇଁ ସେମାନେ ଆସ୍ଥା ପ୍ରକଟ କରନ୍ତି ଘରୋଇ ଚିକିତ୍ସାଳୟ ଉପରେ । ଯେତେସବୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ମୃତ୍ୟୁ ସମ୍ବାଦ ଗଣମାଧମରେ ପ୍ରକାଶିତ ଓ ପ୍ରଚାରିତ ହୁଏ ସେଥିରେ କେହି ଜଣେ ସରକାରୀ ଚିକିତ୍ସାଳୟରେ ମରିଥିବା ଖବର ନଥାଏ । ଖବର ପ୍ରସାରିତ ହୁଏ ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ହେଲା ବୋଲି । ସରକାରୀ ସ୍କୁଲରେ ଥିବା ଶିକ୍ଷକମାନେ ବିଭିନ୍ନ ପ୍ରଶିକ୍ଷଣ ଓ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ପାଇଥିବା ସତ୍ତ୍ୱେ ଏବଂ ଶିକ୍ଷାଦାନ କରିବାର ସମସ୍ତ ଯୋଗ୍ୟତା ସତ୍ତ୍ୱେ ଆମେ ଯେପରି ସେମାନଙ୍କ ଉପରେ ଆସ୍ଥା ପ୍ରକଟ ନକରି, ଘରୋଇ ବିଦ୍ୟାଳୟ ଉପରେ ଭରସା କରୁ, ଠିକ୍ ସେମିତି ଆମ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଉପରେ ଆମର ଭରସା ନରହି ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା ରହେ । ମାତ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସମାଜର ପ୍ରାଥମିକ ତଥା ମୌଳିକ ସମସ୍ୟା ଉପରେ ବୁଦ୍ଧିଜୀବୀମାନେ କେବେ ଚିନ୍ତା ପ୍ରକଟ କରିବା ପରିଲକ୍ଷିତ ହୁଏ ନାହିଁ ।

ଆମ ସମାଜରେ ଦୁର୍ନୀତି ଏବେ ବ୍ୟାପକ ଏବଂ ଉତ୍କଟ । ଏହି ଦୁର୍ନୀତି ସମାଜର ଶ୍ରମଜୀବୀ ବର୍ଗଙ୍କ ଦ୍ୱାରା କେବେ ହୁଏ ନାହିଁ, ହୁଏ ବୁଦ୍ଧିଜୀବୀମାନଙ୍କ ଦ୍ୱାରା । ଭିଜିଲାନ୍ସ, ଇଡି, ସିବିଆଇ ଦ୍ୱାରା ଦୁର୍ନୀତି ଅଭିଯୋଗରେ ଧରାପଡୁଥିବା ବ୍ୟକ୍ତିମାନେ ସାଧାରଣତଃ ରାଜନେତା ଓ ବରିଷ୍ଠ ସରକାରୀ ଅଧିକାରୀ । ସେମାନେ ଧରାପଡ଼ିବା ପୂର୍ବରୁ ଯେ ସେମାନଙ୍କ ଦୁର୍ନୀତି ବିଷୟରେ ଅନ୍ୟମାନେ ଅଜ୍ଞାତ ଥାଆନ୍ତି ତାହା ବି ନୁହଁ । ମାତ୍ର 'ମୋ ପଇସା ତ ନୁହଁ ସରକାରଙ୍କ ପଇସା କିଏ ଖାଇଲା ମୁଁ ଏଥିରେ କାହିଁକି ମୁଣ୍ଡ ଖେଳାଇବି' ନ୍ୟାୟରେ ବୁଦ୍ଧିଜୀବୀମାନେ ଚୁପ୍ ରହନ୍ତି । କେବଳ ଚୁପ୍ ରହନ୍ତି ନାହିଁ, ସେମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତି, ରାଜକୀୟ ଚଳଣି ଦେଖି ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ ମଧ କରନ୍ତି । ଘୃଣା ପରିବର୍ତ୍ତେ ସେମାନଙ୍କ ଆର୍ଥିକ ଶକ୍ତି ପ୍ରତି ଯଥେଷ୍ଟ ସସ୍ତମତା ମଧ ଦେଖାନ୍ତି । ଫଳରେ ଦୁର୍ନୀତିଗ୍ରସ୍ତ ରାଜନେତା ଓ କର୍ମଚାରୀମାନେ ଅଧିକରୁ ଅଧିକ ଦୁର୍ନୀତି କରିବାକୁ ପ୍ରୋତ୍ସାହିତ ହୁଅନ୍ତି । ଏହାକୁ ଲକ୍ଷ୍ୟ କରି ବ୍ରିଆନ୍ ନାମକ ନ୍ୟୁଜିଲାଣ୍ଡର ଜଣେ ଲେଖକ ଲେଖିଥିଲେ- ଭାରତୀୟମାନେ ଦୁର୍ନୀତିକୁ ନେଇ ଆଦୌ ଅସହଜ ନୁହନ୍ତି । ଦୁର୍ନୀତିଗ୍ରସ୍ତଙ୍କୁ ବିରୋଧ କରିବା ପରିବର୍ତ୍ତେ ଲୋକେ ତାଙ୍କୁ ସହିଯିବାକୁ ପସନ୍ଦ କରନ୍ତି । ବୁଦ୍ଧିଜୀବୀମାନଙ୍କର ଦୁର୍ନୀତି ପ୍ରତି ଏ ସହନଶୀଳତାର ଯୁକ୍ତି ହେଲା ଏହା ଆମ ଭାରତୀୟ ସାଂସ୍କୃତିକ ଓ ଧାର୍ମିକ ପରମ୍ପରା ସହିତ ଯୋଡ଼ି ହୋଇରହିଛି । ନିଜର ଅଭୀଷ୍ଟ ପୂରଣ ପାଇଁ ମଠ ଓ ମନ୍ଦିରରେ ଦାନକୁ ସେମାନେ ଈଶ୍ୱରଙ୍କୁ ଲାଞ୍ଚ ବୋଲି ଅଭିହିତ କରନ୍ତି । ଯେହେତୁ ସର୍ବଜ୍ଞାନ ଓ ସର୍ବଶକ୍ତିମାନ ଈଶ୍ୱର କାହାର ମନୋକାମନା ପୂରଣ ପାଇଁ ଲାଞ୍ଚ ନେଉଛନ୍ତି ବୁଦ୍ଧିଜୀବୀମାନେ ତ ସାଧାରଣ ମଣିଷ । ସେମାନେ ଦୁର୍ନୀତି କରିବା ଏମିତି କୌଣସି ବିଶେଷ ଅପରାଧ ନୁହଁ । ନିଜ ସପକ୍ଷରେ ଯୁକ୍ତି ଉପସ୍ଥାପନ ପାଇଁ ବୁଦ୍ଧିଜୀବୀମାନଙ୍କ କ୍ଷେତ୍ରରେ ନା ଉଦାହରଣ ନା ଶବ୍ଦର ଦାରିଦ୍ର୍ୟ ଅଛି ।

ସବୁ ବୁଦ୍ଧିଜୀବୀ ସମାନ ବୋଲି କୁହାଯାଇପାରିବ ନାହିଁ । ଯେଉଁ କେତେଜଣ ଯାହା ସତ୍ୟ ଓ ବାଞ୍ଛନୀୟ କହିବାକୁ ଦ୍ୱିଧା କିମ୍ବା ଭୟ କରନ୍ତି ନାହିଁ, ସେମାନଙ୍କ ସ୍ୱର ବହୁସଂଖ୍ୟକଙ୍କ ଭିଡ଼ ଭିତରେ ହଜିଯାଏ । ସେମାନଙ୍କ ମତ ଓ ମନ୍ତବ୍ୟର ପ୍ରଚାରପ୍ରସାର ପାଇଁ କୌଣସି ସୁଯୋଗ ମିଳେନା; କାରଣ ଦୃଶ୍ୟ, ଶ୍ରାବ୍ୟ ଓ ମୁଦ୍ରଣ ଗଣମାଧମଗୁଡ଼ିକ ଘରୋଇ ମାଲିକାନାର ହୋଇଥିଲେ ହେଁ ସେମାନଙ୍କ ସ୍ଥିତି ଓ ସ୍ଥାୟିତ୍ୱ ପାଇଁ ଆବଶ୍ୟକ ବିଜ୍ଞାପନ ଲାଳସା, ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ତାଙ୍କୁ ସରକାରଙ୍କ ନିୟନ୍ତ୍ରଣାଧୀନ କରିଥାଏ । ତେଣୁ କୂଳରେ ବସି ମାଛ ନ ଧରି ଗୋଳିଆ ପାଣିରେ ଘାଣ୍ଟିହେବୁ କାହିଁକି ଭାବି ପ୍ରାୟ ସବୁ ସଚେତନ ବୁଦ୍ଧିଜୀବୀ ନିରବ । ଯେତେବେଳେ ସମାଜରେ ବୁଦ୍ଧିଜୀବୀଙ୍କ ସ୍ୱର ନିରବିଯାଏ କିମ୍ବା ନିରବ ରହିବାକୁ ବାଧ କରାଯାଏ, ସେତେବେଳେ ସାମାଜିକ ବ୍ୟବସ୍ଥା, ନୀତି ଓ ନିୟମ ବିପଥଗାମୀ ହୁଏ । ଏ ସମସ୍ୟାରୁ ମୁକୁଳିବା ପାଇଁ ସମସ୍ତ ବୁଦ୍ଧିଜୀବୀଙ୍କୁ ଆପଣା ସ୍ୱାର୍ଥର ଉର୍ଦ୍ଧକୁ ଉଠି ପରିବର୍ତ୍ତନର ସ୍ୱର ଉତ୍ତୋଳନ କରିବା ଦରକାର ।

# ସର୍ବଶେଷ ପଦକ୍ଷେପ

ମହାତ୍ମା ଗାନ୍ଧୀ



ଏଠାରେ ମୁଁ ଅବଶ୍ୟ ଏକ ସାଧାରଣ ନୀତିକୁ କହିଦେବାକୁ ଇଚ୍ଛା କରୁଛି । ଯେତେବେଳେ ପ୍ରତିକାରର ଅନ୍ୟ ସବୁଯାକ ପଥ ପରୀକ୍ଷିତ ହୋଇ ବିଫଳ ହୋଇ ସାରିଥିବ, ଜଣେ ସତ୍ୟାଗ୍ରହୀ କେବଳ ସେତିକିବେଳେ ଏକ ସର୍ବଶେଷ ପଦକ୍ଷେପରୂପେ ଜଣେ ସତ୍ୟାଗ୍ରହୀ ଉପବାସକୁ ଗ୍ରହଣ କରିବ । ଏହି ଉପବାସ କ୍ଷେତ୍ରରେ ଅନୁକରଣ ନିମନ୍ତେ ଆଦୌ କୌଣସି ସ୍ଥାନ ନହିଁ । ଯାହାର ଅନ୍ତର୍ବଳ ନହିଁ, ତାହାର ଏହି ପଦକ୍ଷେପଟିର କଳ୍ପନା କରିବା ବି ଉଚିତ ନୁହେଁ, ଏବଂ ସଫଳ ହେବା ବିଷୟରେ କୌଣସି ଆସକ୍ତି ନରଖି ମଧ ଉପବାସ କରିବା ଉଚିତ ନୁହେଁ । ମାତ୍ର, ସ୍ୱପ୍ରତ୍ୟୟ ଦ୍ୱାରା ପରିଚାଳିତ ହୋଇ ଜଣେ ସତ୍ୟାଗ୍ରହୀ ଯଦି ଥରେ ଉପବାସର ପଦକ୍ଷେପଟିକୁ ଗ୍ରହଣ କରେ, ତେବେ ତା'ର ଏହି କାର୍ଯ୍ୟଦ୍ୱାରା ଆଦୌ କୌଣସି ଫଳ ଫଳିବ ନାହିଁ, ସେ ବିଷୟରେ କୌଣସି ଅପେକ୍ଷା ନରଖି ତାକୁ ଆପଣାର ସଂକଳ୍ପରେ ଦୃଢ଼ ହୋଇ ରହିବାକୁ ପଡିବ । ଏହାର ଅବଶ୍ୟ ଅର୍ଥ ନୁହେଁ ଯେ ଉପବାସରୁ କୌଣସି ଫଳ ମିଳିବ ବା ମିଳିବ ନାହିଁ । ଯିଏ ଫଳ ଫଳିବାର ଆଶାଟିଏ ରଖି ଉପବାସ କରେ, ସିଏ ସାଧାରଣତଃ ବିଫଳ ହିଁ ହୋଇଥାଏ । ସେ ବିଫଳ ହେଲା ବୋଲି ବାହାରକୁ ଦେଖା ନ ଯାଉଥିଲେ ମଧ ଏକ ଯଥାର୍ଥ ଉପବାସ ଆଣି ଦେଉଥିବା ଯାବତୀୟ ଅନ୍ତର୍ଗତ ଆନନ୍ଦକୁ ସେ ହରାଇବସେ ।

ହାସ୍ୟାସ୍ପଦ ଉପବାସ ସବୁ ମହାମାରୀ ରୋଗ ପରି ବ୍ୟାପି ଯାଆନ୍ତି ଓ ଅନେକ କ୍ଷତି କରନ୍ତି । ମାତ୍ର, ଯେତେବେଳେ ଉପବାସ ଏକ କର୍ତ୍ତବ୍ୟରେ ପରିଣତ ହୁଏ, ସେତେବେଳେ ତାହାକୁ ଆଉ କଦାପି ପରିତ୍ୟାଗ କରାଯାଇ ପାରିବ ନାହିଁ । ତେଣୁ ମୁଁ ଯେତେବେଳେ ଉପବାସ କରିବା ଆବଶ୍ୟକ ବୋଲି ବିଚାର କରେ ଏବଂ କୌଣସି ମତେ ଏଥିରୁ ନିବୃତ ରହିବା ସମ୍ଭବ ନୁହେଁ ବୋଲି ଦେଖିବାକୁ ପାଏ, ମୁଁ ସେତିକି ବେଳେ ଅବଶ୍ୟ ଉପବାସ କରେ । ମୁଁ ନିଜେ ଯାହା କରେ, ସମାନ ପରିସ୍ଥିତିମାନଙ୍କରେ ମୁଁ ଅନ୍ୟମାନଙ୍କୁ ତାହା କରିବାକୁ ନିବୃତ୍ତ କରି ରଖିପାରିବି ନାହିଁ । ସର୍ବୋତ୍ତମ ଉତ୍ତମ କଥାଗୁଡିକର ଅଧିକାଂଶ ସମୟରେ ଅପବ୍ୟବହାର କରାଯାଏ ବୋଲି ସମସ୍ତେ ନିଶ୍ଚୟ ଜାଣନ୍ତି । ସବୁଦିନ ଏପରି ଘଟିଥିବାର ଆମେ ଦେଖିବାକୁ ପାଉଁ ।

ଯେତେବେଳେ ମନୁଷ୍ୟର ସକଳ ସମର୍ଥତା ବିଫଳ ହୁଏ, ଜଣେ ବ୍ରହ୍ମଚାରୀ ଉପବାସର ଆଶ୍ରୟ ନେଇଥାଏ । ଏହି ଉପବାସ ପ୍ରାର୍ଥନାର ଅନ୍ତଃସ୍ଥିତିଟିକୁ ତ୍ୱରାନ୍ୱିତ କରେ, ଅର୍ଥାତ୍, ଏହି ଉପବାସ ହେଉଛି ଏକ ଆଧାତ୍ମିକ କର୍ମ ଏବଂ ତେଣୁ ତାହା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହିଁ ସମ୍ବୋଧିତ ହୋଇ ରହିଥାଏ । ଏହି କାର୍ଯ୍ୟଟି ସହିତ ସେମାନଙ୍କର ପରିଚୟ ଥାଏ, ସେହିସବୁ କ୍ଷେତ୍ରରେ ଉପବାସ ଦ୍ୱାରା ସେମାନଙ୍କର ଶୋଇ ରହିଥିବା ବିବେକ ଜାଗ୍ରତ ହୋଇଉଠେ ।

ମାତ୍ର, ଏହି କ୍ଷେତ୍ରରେ ଗୋଟିଏ ଏପରି ବିପଦ ମଧ ରହିଥାଏ ଯେ, ଭ୍ରାନ୍ତ ସହାନୁଭୂତି ଦ୍ୱାରା ପରିଚାଳିତ ହୋଇ ଉପବାସକାରୀ ପ୍ରିୟ ବ୍ୟକ୍ତିଙ୍କର ଜୀବନ ରକ୍ଷା କରିବାକୁ ଯାଇ ସେମାନେ ହୁଏତ ଆପଣାର ଇଚ୍ଛା ବିରୁଦ୍ଧରେ ମଧ କିଛି କରିବାକୁ ଆଗଭର ହୋଇ ଆସି ପରନ୍ତି । ଏହି ବିପଦର ସାମନା କରିବାକୁ ହିଁ ପଡିବ । ମୁଁ ଯାହା କରୁଛି, ତାହା ଠିକ୍ ବୋଲି ମୁଁ ସୁନିଶ୍ଚିତ ରହିଥିବା ପର୍ଯ୍ୟନ୍ତ ଆମର ସେହି ଯଥାର୍ଥ କାର୍ଯ୍ୟଟିରୁ ବିରତ ହେବା ଆଦୌ ଉଚିତ ହେବ ନାହିଁ । ଏହା ହିଁ ସର୍ବୋତ୍ତମ ଭାବରେ ସାବଧାନ ରହିବାରେ ସାହାଯ୍ୟ କରିବ । ନିଜ ଅନ୍ତରସ୍ଥ ବାଣୀର ନିର୍ଦ୍ଦେଶକୁ ମାନିହିଁ ଏହିଭଳି ଏକ ଉପବାସର ଆଶ୍ରୟ ନିଆଯାଏ ଓ ତେଣୁ ଶୀଘ୍ରତାର କୌଣସି ଅବସର ନଥାଏ ।

**ଏ**ହିପରି ଭାବରେ ଆମେ ସମଗ୍ର ତ୍ୟାଗର ଆଦର୍ଶଟି ପାଖରେ ଆସି ଉପନୀତ ହୋଇଥାଉଁ ଏବଂ ଏହି ଶରୀର ଯେପର୍ଯ୍ୟନ୍ତ ରହିଛି, ତାହାକୁ ସେବା ଉଦ୍ଦେଶ୍ୟରେ କାମରେ ଲଗାଇବାର ଶିକ୍ଷାଟିକୁ ଲାଭ କରିଥାଉଁ । ଯେପରିକି ଭୋଗ ନୁହେଁ, ସେବା ହିଁ ଜୀବନର ସର୍ବପ୍ରଧାନ ଅବଲମ୍ବନରେ ପରିଣତ ହୋଇଥାଏ । ସେବାଲାଗିହିଁ ଆମେ ଖାଦ୍ୟ ଓ ଜଳ ଗ୍ରହଣ କରୁ, ନିଦ୍ରା ଯାଉ ଏବଂ ଜାଗ୍ରତ ହୋଇ ରହିଥାଉ । ଏହିଭଳି ଏକ ମନୋଦୃଷ୍ଟି ଆମଲାଗି ଯଥାର୍ଥ ସୁଖ ଆଣିଦିଏ ଏବଂ ପରିପୂର୍ଣ୍ଣତାର ବେଳଟି ଆସିବା ମାତ୍ରକେ ପରମସାକ୍ଷାତକାର ସେହି ଉଲ୍ଲାସଟିକୁ ମଧ ଉପଲବ୍ଧ କରାଇଥାଏ । ଚାଲ, ଆମେ ସମସ୍ତେ ଏହି ଦୃଷ୍ଟିକୋଣରୁ ନିଜକୁ ପରୀକ୍ଷା କରି ଦେଖିବା ।

ଆମକୁ ମନେ ରଖିବାକୁ ହେବ ଯେ ବସ୍ତୁଗୁଡିକ ପରି ଆମ ଭାବନାଚୟର କ୍ଷେତ୍ରରେ ମଧ ଅପରିଗ୍ରହର ସତ୍ୟଟି ପ୍ରଯୁଜ୍ୟ ହୋଇ ପାରିବ । ଯେଉଁ ବ୍ୟକ୍ତି ଅନାବଶ୍ୟକ ନାନା ଜ୍ଞାନଦ୍ୱାରା ଆପଣାର ମସ୍ତିଷ୍କକୁ ଭର୍ତ୍ତିକରି ରଖିଥାଏ, ସିଏ ସେହି ଅମୂଲ୍ୟ ସିଦ୍ଧାନ୍ତଟିର ଖିଲାପ ହିଁ କରୁଥାଏ । ଯେଉଁସବୁ ଭାବନା ଆମକୁ ଈଶ୍ୱରଙ୍କ ଠାରୁ ଦୂରକୁ ନେଇଯାନ୍ତି ବା ଆମକୁ ଈଶ୍ୱରାଭିମୁଖୀ କରାଇ ପାରନ୍ତି ନାହିଁ, ସେମାନେ ଆମର ମାର୍ଗରେ ପ୍ରତିବନ୍ଧକ ହୋଇ ହିଁ କାର୍ଯ୍ୟ କରୁଥାନ୍ତି । ଏହି ସଂକ୍ରାନ୍ତରେ ଆମେ ଗୀତାର ୧୩ ଶ ଅଧାୟରେ ପ୍ରଦତ୍ତ ଜ୍ଞାନର ସଂଜ୍ଞା ବିଷୟରେ ମଧ ବିଚାର କରି ପାରିବା । ସେଠାରେ ଅମାନତ୍ୱ ପ୍ରଭୃତିକୁ ଅସଲ ଜ୍ଞାନ ବୋଲି କୁହାଯାଇଛି ଏବଂ ଆଉ ସବୁକିଛିକୁ ଅଜ୍ଞାନ ବୋଲି କୁହାଯାଇଛି । ଯଦି ଏହା ସତ୍ୟ ହୋଇଥାଏ ଏବଂ ଏହା ଯେ ସତ୍ୟ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ, ତେବେ ଆମେ ଯାହାକୁ ଜ୍ଞାନ ବୋଲି ଆବୋରି ଧରିଛୁ, ସେଥିରୁ ଅଧିକାଂଶକୁ କେବଳ ଅଜ୍ଞାନ ବୋଲି ହିଁ କୁହାଯିବ । ତେଣୁ, ସେସବୁ ଆମର କୌଣସି ଉପକାର କରିବା ପରିବର୍ତ୍ତେ କେବଳ ହାନି ହିଁ ଘଟାଇ ଥାଏ । ଏହା ଆମ ମନକୁ କେତେଆଡ଼େ ଭ୍ରମାଇବାରେ ଲାଗିଥାଏ, ଏବଂ ଏପରିକି ତାହାକୁ ରିକ୍ତ କରି ପକାଏ ଏବଂ ପରିଣାମରେ, ମନର ହିଁ ସୀମାହୀନ ଶାଖା ବିସ୍ତାରଣ ଦ୍ୱାରା କେବଳ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥାଏ । କହିବା ବାହୁଲ୍ୟ ଯେ, ଏପରି କହି ଜଡ଼ ହୋଇ ରହିବା ପାଇଁ ଆଦୌ କୌଣସି ଉତ୍ସାହ ଦିଆଯାଉ ନାହିଁ । ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ମାନସିକ ତଥା ଶାରୀରିକ ନାନା କ୍ରିୟାଶୀଳତା ଦ୍ୱାରା ପୂର୍ଣ୍ଣ ହୋଇ ରହିବାକୁ ପଡିବ । ମାତ୍ର ସେହି କ୍ରିୟାଶୀଳତା ସାତ୍ତ୍ୱିକ ହୋଇଥିବା ଉଚିତ, ସତ୍ୟାଭିମୁଖୀ ହୋଇଥିବା ଉଚିତ । ଯେଉଁ ବ୍ୟକ୍ତି ନିଜର ଜୀବନକୁ ସେବାପାଇଁ ଉତ୍ସର୍ଗ କରି ରଖିଛି, ସେ ଗୋଟିଏ କ୍ଷଣ ସକାଶେ ମଧ ଅଳସୁଆ ହୋଇ ରହିବ ପାରିବ ନାହିଁ । ମାତ୍ର ଆମକୁ ଉଚିତ ଥା ଅନୁଚିତ କ୍ରିୟାଶୀଳତା ମଧ୍ୟରେ ରହିବା ପାର୍ଥକ୍ୟଟିକୁ ଜାଣି ଶିଖିବାକୁ ହେବ । ଏହି ବିବେକଟି ସେବାଲାଗି ଏକ ଏକାଗ୍ର ଶ୍ରଦ୍ଧା ସହିତ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଯୋଡା ହୋଇ ରହିଥିବ ।

# ସ୍ୱର୍ବେଦ

**ଛତ୍ରପତୀ ଭୂନାଥ ଥେ, ଗିରି ୱନ**
**ଭଟକା ଖାୟ ।**
**ଖୋଜତ ସୁଖ ୱେ କଓ୍ୱନ ହୈଁ,**
**ଜେହି ୱିନ ଶାନ୍ତି ନ ପାୟ ॥୧୭॥**

ଭାଷ୍ୟ - ବଡ଼ ସୁଖଶାଳୀ ମହାରାଜ ଗଣ ରାଜ୍ୟ ସୁଖକୁ ତ୍ୟାଗକରି ବଣ ଏବଂ ଜଂଗଲରେ ଭ୍ରମଣ କରି କେଉଁ ସୁଖର ସନ୍ଧାନ କରନ୍ତି, ଯାହା ବିନା ସେମାନଙ୍କୁ ଶାନ୍ତି ମିଳେ ନାହିଁ ।

**ୱନ ୱନ ଛାନତ ଛାର ହୈଁ,**
**ଗିରିନ କନ୍ଦରା ଖୋହ ।**
**କଓ୍ୱନ ଚାହ ସୁଖ ଲଗ୍ନ ହୈଁ,**
**ସହତ କଠିନ ଦୁଖ ୱୋହ ॥୧୮॥**

ଭାଷ୍ୟ - କେଉଁ ସୁଖର ପ୍ରେମରେ ଅତ୍ୟନ୍ତ କଷ୍ଟ ସହି ପାହାଡ଼ର ଅନ୍ଧକାରମୟ ଗୁମ୍ଫାରେ ଏବଂ ଅରଣ୍ୟ ମଧ୍ୟରେ ଧୂଳି ଛାଣିବାରେ ଲାଗିଛ ? ଅନୁରାଗୀ ପୁରୁଷ ଅତ୍ୟନ୍ତ କଷ୍ଟ ସହ୍ୟକରି ମଧ୍ୟ ସେହି ବ୍ରହ୍ମଙ୍କର ସନ୍ଧାନରେ ଲାଗି ରହିଥାନ୍ତି ।

**ଲାତେ ମାରା ରାଜ କୋ, ଫଂଟକା**
**ମାରା ଭୋଗ ।**
**ବଓ୍ୱଲା ବନି ୱନ ୱନ ଫିରେଁ,**
**କୌନ ଚାହ ସୁଖ ଭୋଗ ॥୧୯॥**

ଭାଷ୍ୟ - କେଉଁ ସୁଖର ଭୋଗ ଇଚ୍ଛାରେ ରାଜ୍ୟ ସୁଖକୁ ଗୋଇଠା ମାରି ଅର୍ଥାତ୍ ତିରସ୍କାର କରି ଏବଂ ସମସ୍ତ ଭୋଗକୁ ତ୍ୟାଗକରି ଉନ୍ମତ୍ତ ଭାବରେ ଅରଣ୍ୟରେ ଭ୍ରମୁଛ ?

**ମହିଲା ମହଲ ମହାନ ସୁଖ,**
**ରଙ୍ଗ ରାଗ ଛଜି ସାଜ ।**
**ସୋ କର ଟୁକଡ଼ା ମାଁଗତେ,**
**କଓ୍ୱନେ ସୁଖ ତଜ ରାଜ ॥୨୦॥**

ଭାଷ୍ୟ - ଯାହାକୁ ସୁନ୍ଦରୀ ସ୍ତ୍ରୀ ଆଉ ଗୃହର ମହାନ୍ ସୁଖ ପ୍ରାପ୍ତ ହୋଇଛି ଏବଂ ଭୋଗ, ରାଗ ଓ ଶୃଙ୍ଗାର ପରି ସବୁ କିସମର ସୁଖ ଉପଲବ୍ଧ ହୋଇଛି, ସେ କେଉଁ ସୁଖର ସନ୍ଧାନରେ ରାଜ୍ୟ ସୁଖକୁ ତ୍ୟାଗକରି ବୁଲି ବୁଲି ଖୁଦ ଭିକ୍ଷା କରୁଛି ?

**ପ୍ରଜା ଜାହି ରୁଦନ କରେ,**
**ରାନିନ ମହଲ ଚିକାର ।**
**ସୋ ଭୂପତି ଜେହି ସୁଖ ଲିୟେ,**
**ତ୍ୟାଗି ଜଗତ ଧିକାର ॥୨୧॥**

ଭାଷ୍ୟ - ଯାହାର ପ୍ରଜା କ୍ରନ୍ଦନ କରୁଛି ଆଉ ମହଲରେ ରାଣୀମାନେ ନିଜର ପତି ନିମନ୍ତେ ଚିତ୍କାର କରୁଛନ୍ତି, ମାତ୍ର ସେହି ନରପତି ବ୍ରହ୍ମସୁଖ ନିମନ୍ତେ ଜଗତର ସୁଖକୁ ଧିକ୍କାର କରି, ତ୍ୟାଗ କରୁଛନ୍ତି ।

**କୌନେ ସୁଖ ଶାନ୍ତୀ ମିଲେ,**




**କୌନେ ସୁଖ ଦୁଖ ଜାୟ ।**
**କୌନେ ସୁଖ ସୁଖ ଚାହ ନହିଁ,**
**କୌନ ୱିଶଦ ସୁଖ ପାୟ ॥୨୨॥**

ଭାଷ୍ୟ - କେଉଁ ସୁଖରୁ ଶାନ୍ତି ମିଳେ, କେଉଁ ସୁଖ ଦୁଃଖକୁ ଦୂର କରିବାରେ ସମର୍ଥ, କେଉଁ ସୁଖ ପ୍ରାପ୍ତି ହେଲେ ପୁଣି ସୁଖ ପ୍ରାପ୍ତିର ଇଚ୍ଛା ହୁଏ ନାହିଁ ଆଉ କିଏ ଏହି ମହାନ୍ ଶୁଦ୍ଧ ସୁଖକୁ ପ୍ରାପ୍ତ କରିଥାଏ ? ବ୍ରହ୍ମସୁଖ ପ୍ରାପ୍ତ ହେବା ପରେ ସମସ୍ତ ସୁଖ ସ୍ୱତଃ ପ୍ରାପ୍ତ ହୋଇଯାଏ ।

**କ୍ଷଣ ଆୱେ କ୍ଷଣ ଜାତ ହୈଁ,**
**ମାୟା ଜଗ ସୁଖ ରଙ୍ଗ ।**
**ନିତ୍ୟ ସହଜ ସୁଖ କୌନ ହୈଁ,**
**ଜାମେଁ ରହ ଏକ ଢଙ୍ଗ ॥୨୩॥**

ଭାଷ୍ୟ - ସଂସାରର ସୁଖ ଓ ତାହାର ରଙ୍ଗରେ ଢଙ୍ଗ ମୁହୂର୍ତ୍ତକ ମଧ୍ୟରେ ଆସିଯାଏ ଓ ପୁଣି ମୁହୂର୍ତ୍ତକ ମଧ୍ୟରେ ମିଳେଇ ଯାଏ । ନିତ୍ୟ ସହଜ ସୁଖ କଣ ଯାହା ସର୍ବଦା ଏକ ପ୍ରକାରରେ ନିଜ ସ୍ୱରୂପରେ ରହିଥାଏ ? ବ୍ରହ୍ମ ନିତ୍ୟ, ଏକରସ ଅଟେ, ସେଥିପାଇଁ ତାହାର ଉପଭୋଗ ଏକ ସମାନ ନିତ୍ୟ ଅଟେ ।

**ଚାହ ନହିଁ ଚିନ୍ତା ନହିଁ, ଚଞ୍ଚଲତା**
**ଚକଚୂର ।**
**ଆଶ ନହିଁ ଅୱକାଶ ନହିଁ,**
**ଆନନ୍ଦ ଆନନ୍ଦ ପୂର ॥୨୪॥**

ଭାଷ୍ୟ - ବ୍ରହ୍ମସୁଖ ପ୍ରାପ୍ତିରେ କୌଣସି ପଦାର୍ଥର ଇଚ୍ଛା, ଚିନ୍ତା, ଚଞ୍ଚଳତା, ଆଶା ଏବଂ ବାସନା ରହେ ନାହିଁ । ଏ ସମସ୍ତ ନଷ୍ଟ ହୋଇ ଯାଆନ୍ତି ଏବଂ ଆନନ୍ଦର ପ୍ରବାହ ସର୍ବଦା ପ୍ରବାହିତ ରହିଥାଏ ।

**କ୍ଷଣ ମେଁ ସୁଖ କ୍ଷଣ ଦୁଖ ମିଲେ,**
**ଜଗ ୱିୟୋଗ ୟୋଗ ଆୟ ।**
**ସହଜ ୟୋଗ ସୁଖ କଓ୍ୱନ ହୈଁ,**
**ସବ ଦିନ ଏକ ରହାୟ ॥୨୫॥**

ଭାଷ୍ୟ - ସଂସାରରେ କ୍ଷଣ ମାତ୍ରକେ ଦୁଃଖ ଆଉ କ୍ଷଣ ମାତ୍ରକେ ସୁଖ ମିଳିଥାଏ । ସୁଖ ଦୁଃଖର ଯୋଗ ବିୟୋଗ ବରାବର ଚାଲିଥାଏ । ମାତ୍ର ସହଜ ଯୋଗର ତାହା କେଉଁ ସୁଖ ଅଟେ, ଯାହା ସବୁ ଦିନ ଏକ ସମାନ ରହିଥାଏ ?

**ସାଗର ଛଲକି ଆନନ୍ଦ କା, ଏକ**
**ଚିଲୂ ଜଲ ଆୟ ।**
**ଚିଲୂ ଫୁହାରା ଜଗତ ମେଁ, ମଗନ**
**ଭୟେ ସବ ପାୟ ॥୨୬॥**

ଭାଷ୍ୟ - ଆନନ୍ଦ ସାଗର ଯାହା ଉଚ୍ଛୁଳି ଏକ ଆଞ୍ଜୁଳା ଜଳ ଜଗତରେ ପଡ଼ିଥାଏ, ସେହି ଆଞ୍ଜୁଳାଏ ଜଳକୁ ପ୍ରାପ୍ତି ସଂସାରର ସମସ୍ତ ପ୍ରାଣି ମଗ୍ନ ରହିତାନ୍ତି ।

**ଅମୃତ କୁଣ୍ଡ ହିଲୋଲ ସେ, ଏକ**
**ବୁନ୍ଦ ଗିର ଆୟ ।**
**ସୋଇ ବୁନ୍ଦ ଛନି ପ୍ରକୃତି ମେଁ,**
**ଜଗ ଜୀୱନ ସୁଖ ପାୟ ॥୨୭॥**

ଭାଷ୍ୟ - ପରମାନନ୍ଦ ଅମୃତସାଗର ବିନ୍ଦୁରେ ଲହଡ଼ି ଭାଙ୍ଗି ବିନ୍ଦୁଏ ଜଳ ପତିତ ହୋଇଯାଏ, ସେହି ବୁନ୍ଦାଏ ଜଳ ନିମ୍ନକୁ ଆସି ମାୟାରେ ସଂସାରୀ ଜୀବମାନଙ୍କୁ ପ୍ରାପ୍ତ ହୁଏ, ଯେଉଁଥିରୁ ସେମାନେ ସୁଖ ପ୍ରାପ୍ତ କରନ୍ତି । ଇନ୍ଦ୍ରିୟମାନଙ୍କର ବିଷୟସୁଖ ଏକ ବୁନ୍ଦାଏ ଜଳ ସମାନ ଅଟେ ଯାହା ପ୍ରକୃତିରେ ଛାଣି ହୋଇ ଆସିଥାଏ । ବ୍ରହ୍ମାନନ୍ଦ ଅମୃତସାଗର ପରିପୂର୍ଣ୍ଣ, ଏକରସ ଅଟେ ।

**ଜାମେଁ ସୁଖ ତୁମ ଜାନତେ, ସୋ**
**ହୈଁ ଦୁଖ କା ରୂପ ।**
**ସତ ସୁଖ ସୁଖ ଜାନା ନହିଁ,**
**ତାତେ ପର ଭୱକୂପ ॥୨୮॥**

ଭାଷ୍ୟ - ଯେଉଁ ପଦାର୍ଥର ଭୋଗରେ ତୋତେ ସୁଖ ମିଳୁଛି ଅଥବା ଯାହାକୁ ସୁଖ ବୋଲି ଭାବୁଛୁ, ତାହା ଦୁଃଖର ରୂପ ଅଟେ ଅର୍ଥାତ୍ ଦୁଃଖର କାରଣ ସ୍ୱରୂପ ଅଟେ । ସତ୍ୟ ସୁଖ କଣ ଅଟେ ? ସେହି ସୁଖକୁ ତୁ ଜାଣି ନାହିଁ, ସେଥିପାଇଁ ଭବସାଗରରେ ପଡୁଛୁ ।

**ସୁଖ କା ସାଗର ପାସ ହୈଁ, ହେ**
**ମତିମନ୍ଦ ଗଁୱାର ।**
**ଖୋଜୋ ସଦ୍‌ଗୁରୁ ଶରଣ ମେଁ,**
**ମୀଲେ ଖୁଲତ ଦୁୱାର ॥୨୯॥**

ଭାଷ୍ୟ - ହେ ମନ୍ଦ ବୁଦ୍ଧିଯୁକ୍ତ ଅଜ୍ଞାନୀ ଜୀବ ! ସୁଖର ସାଗର ତୋ ପାଖରେ ଅଛି । ତୁ ସଦ୍‌ଗୁରୁ ଶରଣରେ ଯାଇ ତାଙ୍କର କୃପାଦୃଷ୍ଟି ଏବଂ ଯୋଗ ଯୁକ୍ତିରେ ସେହି ଅମୃତସାଗରକୁ ଖୋଜ । ସଦ୍‌ଗୁରୁ ପ୍ରକାଶ ମିଳିଗଲେ ତାହାର ଦ୍ୱାର ଖୋଲିଯାଏ ଏବଂ ସେହି ଅମୃତ ସାଗର ପ୍ରାପ୍ତ ହୋଇଯାଏ ।

**ମଙ୍ଗଲମୟ ସତ୍ୟ ସୁଖଦ ହୈଁ,**
**ଆନନ୍ଦ ପରମାନନ୍ଦ ।**
**ଦୁଖଦ କଭୀ ଆୱେ ନହିଁ, ସବ**
**ଦିନ ପୂରଣାନନ୍ଦ ॥୩୦॥**

ଭାଷ୍ୟ - ସେ ପୂର୍ଣ୍ଣ ପରମାନନ୍ଦ, ମଙ୍ଗଳମୟ, ସୁଖଦାୟୀ ଅଟନ୍ତି, ସେ କଦାପି ଦୁଃଖଦାୟୀ ନୁହନ୍ତି, ସେ ସବୁଦିନ ଏକ ସମାନ ପୂର୍ଣ୍ଣାନନ୍ଦ ରହିଥାନ୍ତି ।

**ଚାହ ଗଈ ଚିନ୍ତା ଗଈ, ଆଶ**
**ୱାସନା ନାଶ ।**
**ଜିୱନ ମୃତ୍ୟୁ ଜେହି ଖେଲ ହୈଁ,**
**ଅସ ସୁଖ ସନ୍ତ ନିୱାସ ॥୩୧॥**

ଭାଷ୍ୟ - ସେହି ପରମାନନ୍ଦଙ୍କର ପ୍ରାପ୍ତି ହୋଇଯିବା ପରେ ସମସ୍ତ କାନଗୁଡ଼ିକର ବିନାଶ ହୋଇଯାଏ ଏବଂ କାମନାଗୁଡ଼ିକର ବିନାଶ ହେଲେ ଚିନ୍ତା, ଆଶା ଏବଂ ବାସନାର ମଧ୍ୟ ସମୂଳେ ବିନାଶହୋଇଯାଏ । ଜୀବନ ଆଉ ନିଜର ମରଣ ଯାହା ପାଇଁ ଏକ ଖେଳ ଅଟେ, ସେପରି ଉତ୍ତମ ସୁଖ ପରମାନନ୍ଦଙ୍କ ପ୍ରାପ୍ତି ହେବା ପରେ ସନ୍ଥକୁ ହୋଇଥାଏ । ସନ୍ଥର ଚେତନ ନିବାସ ଅମୃତ ପୂର୍ଣ୍ଣ ପରମାନନ୍ଦ ଅଟେ ଯାହାର ପ୍ରାପ୍ତି ହେଲେ ଜୀବନ ଆଉ ମରଣ ନିଜର ଅଧୀନ ହୋଇଯାଏ ।

**କଶା ସମାଧୀ ପରମ ସୁଖ,**
**ଭାଗ୍ୟୱାନ ନର ପାୟ ।**
**ଅନୁଭୱ ସୁଖ ଅନୁଭୱ କହେ,**
**ସମଝେ ଜୋ ସୁଖ ପାୟ ॥୩୨॥**

ଭାଷ୍ୟ - ଶବ୍ଦାନନ୍ଦ ସମାଧିର ପରମ ସୁଖକୁ ଭାଗ୍ୟବାନ ମଣିହ ହିଁ ପ୍ରାପ୍ତ କରିଥାଏ । ସେହି ଅନୁଭବ ସୁଖକୁ ଅନୁଭବ ଦ୍ୱାରା ହିଁ ଜାଣି ହେବ ଆଉ ତାକୁ ସେ ହିଁ ବୁଝି ପାରିବ ଯିଏ ସେହି ସୁଖକୁ ପ୍ରାପ୍ତ କରିଛି । ସେହି ଅନୁଭବ ସୁଖକୁ ଅନୁଭବୀ ହିଁ କହିଥାଏ କୌଣସି ବାଚକଜ୍ଞାନୀ ନୁହେଁ ।

**ଆନନ୍ଦ ଭୋଗୀ ଜବ ମିଲେଁ,**
**ଦେଖତ ଲେ ପହିଚାନ ।**
**କହନ ସୁନନ କୀ ବାତ ନହିଁ,**
**ଅୟନ ସୟନ ମେଁ ଜ୍ଞାନ ॥୩୩॥**

ଭାଷ୍ୟ - ପରମାନନ୍ଦ ପ୍ରାପ୍ତ ସହଜ ଯୋଗୀ ସହିତ ଯେତେବେଳେ ଭେଟ ହୁଏ, ସେତେବେଳେ ସେ ଦେଖିବା ମାତ୍ରକେ ସେହି ଯୋଗୀକୁ ଚିହ୍ନି ପକାଏ, ତାକୁ କହିବା ଅଥବା ଶୁଣିବାର ଆବଶ୍ୟକତା ନାହିଁ । ଯୋଗୀକୁ ଯୋଗୀ ଚକ୍ଷୁ ଏବଂ ସଂକେତରୁ ଜାଣି ପାରେ । ଯୋଗୀକୁ ଯୋଗୀ ଚିହ୍ନିପାରେ, ସର୍ବସାଧାରଣ ସଂସାରୀ ବ୍ୟକ୍ତିର ବାହ୍ୟ ଦର୍ଶନକୁ ପାଇ ତାଙ୍କୁ ଚିହ୍ନିପାରିବେ ନାହିଁ ।

# ସପୁରୀର ଉପକାରିତା

ସପୁରୀକୁ ଦୈନିକ ସକାଳେ ଜଳଖିଆ ସହ ମିଶାଇ ଖାଇବା ଦ୍ୱାରା ପେଟ ଭର୍ତ୍ତି ରହିଥାଏ । ଏଥିରେ ଅତ୍ୟଧିକ ଜଳୀୟଅଂଶ ଥିବାରୁ ଏହା ଶରୀରକୁ ସତେଜ ରଖିଥାଏ । ସପୁରୀ ମଧରେ ବ୍ରୋମେଲେନ ନାମକ ଏକ ଏନଜାଇମ ରହିଛି । ଏହା ଖାଦ୍ୟ ହଜମ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ । ଅନେକ ସମୟରେ ଭୋଜିମାନଙ୍କରେ ଅଧିକ ମସଲାଯୁକ୍ତ ଖାଇବା ଖିଆଯାଇଥାଏ । ଏହି ସମୟରେ ଅଳ୍ପ କିଛି ସପୁରୀରେ କଳାଲୁଣ ଏବଂ ଗୋଲମରିଚ ଗୁଣ୍ଡ ପକାଇ ଖାଇଲେ ଏହା ହଜମ କରିବାରେ ସାହାଯ୍ୟ କରିଥାଏ ।

ଛୋଟରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ପେଟରେ କୃମି ସମସ୍ୟା ଦେଖା ଦେଇଥାଏ । ଏହା ବହୁତ ଯନ୍ତ୍ରଣା ଦାୟକ ରହିଥାଏ । ଦୈନିକ କିଛି ଖଣ୍ଡ ସପୁରୀ ଖାଇବା ଦ୍ୱାରା କୃମି କମିବା ସହ ଯନ୍ତ୍ରଣା ମଧ ଦୂର ହୋଇଥାଏ । ପ୍ରତିଦିନ ଦୁଇରୁ ତିନି ଖଣ୍ଡ ସପୁରୀ ଖାଇବା ଦ୍ୱାରା ଶ୍ୱାସ ଏବଂ କଫ ଜନିତ ସମସ୍ୟା ଦୂର ହୋଇଥାଏ । ଏହା ଦ୍ୱାରା ଫୁସଫୁସ୍ ମଧ ସଫା ରହିଥାଏ । ଦୈନିକ ଏକ ଗ୍ଲାସ ସପୁରୀ ରସ ପିଇବା ଦ୍ୱାରା କିଡନୀ ଷ୍ଟୋନ ଯନ୍ତ୍ରଣାର ଉପଶମ ମିଳିଥାଏ । ସପୁରୀ ଯେ ଖାଲି ସ୍ୱାସ୍ଥ୍ୟ ପାଇଁ ଉପକାରୀ ତାହା ନୁହେଁ ଏହା ଦ୍ୱାରା ତ୍ୱଚାରେ ଚମକ ମଧ ଫେରି ଆସିଥାଏ ।



# କ୍ୟାନସର ଦୂର କରିବ ସୋରିଷ ଶାଗ

ପଞ୍ଜାବରେ ସବୁଠାରୁ ଟେଷ୍ଟି ଡିସ୍ ହେଉଛି ସୋରିଷ ଶାଗ । କେବଳ ପଞ୍ଜାବ ନୁହେଁ ଅନ୍ୟ ରାଜ୍ୟମାନଙ୍କରେ ମଧ ସୋରିଷ ଶାଗ ଡିସ୍ ବେଶ୍ ପସନ୍ଦ କରିଥାନ୍ତି । ତେବେ ଏହା ଯେତିକି ପାଟି ସୁଆଦିଆ ସ୍ୱାସ୍ଥ୍ୟ ପାଇଁ ମଧ ସେତିକି ଭଲ । ଏଥିରେ ପ୍ରଚୁର ପରିମାଣରେ ଫାଇବର ରହିଥିବା ବେଳେ ଫ୍ୟାଟ କାର୍ବୋହାଇଡ୍ରେଟ୍ ସୁଗାର ପୋଟାସିୟମ ଭିଟାମିନ୍ ଏ, ସି, ଡି, ବି-୧୨ ମ୍ୟାଗ୍ନେସିୟମ ଆଇରନ ଓ କ୍ୟାଲସିୟମ ଭଳି ବହୁ ନ୍ୟୁଟ୍ରିସନ ରହିଛି । ଏମିତିକି ସୋରିଷ ଶାଗରେ ପ୍ରାୟ ୬ ପ୍ରକାର କ୍ୟାନସରକୁ ରୋକିବାର ଗୁଣ ରହିଛି ।



ଦୃଷ୍ଟିଶକ୍ତି ବୃଦ୍ଧି : ସୋରିଷ ଶାଗକୁ ଭିଟାମିନ୍ ଏ'ର ପାୱାର ହାଉସ କୁହାଯାଏ, ତେଣୁ ଏହା ଆଖିର ମାଂସପେଶୀକୁ କୌଣସି କ୍ଷତି ପହଞ୍ଚାଇବାକୁ ଦିଏ ନାହିଁ । ଏଥି ସହିତ ଆଖିର ଜ୍ୟୋତିକୁ ତେଜ କରିଥାଏ ।

କ୍ୟାନସରରୁ ରକ୍ଷା କରେ : ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୁର ରହିଛି ଏହା ଶରୀରକୁ ଡିଟକ୍ସିଫାଏ କରି ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହାକୁ ଖାଇଲେ ୭ ପ୍ରକାର କ୍ୟାନସରରୁ ରକ୍ଷା ମିଳିଥାଏ । ଯଥା - ବ୍ଲଡର, ପେଟ, ବ୍ରେଷ୍ଟ, ଫୁସଫୁସ୍, ପ୍ରୋଷ୍ଟେଟ ଓ ଓଭାରୀ କ୍ୟାନସର ଆଦିର ରକ୍ଷା କରିଥାଏ । ସୋରିଷ ଶାଗରେ ରହିଥିବା ପୋଷକ ତତ୍ତ୍ୱ ଗୁଡିକ କ୍ୟାନସର କୋଷିକାକୁ ରୋକିବା ସହିତ ଏହା ରୋଗକୁ ବଢ଼ିବାକୁ ଦିଏ ନାହିଁ ।

ହୃଦୟ ପାଇଁ ଲାଭ : ଶାଗ ଖାଇବାରେ ଶରୀରର କୋଲେଷ୍ଟ୍ରଲ ସ୍ତର କମ୍ ଓ ଫୋଲେଟ ନିର୍ମାର ଅଧିକ ହୋଇଥାଏ । ଏଥିରେ ହାର୍ଟ ଆଟାକ ହେବାର ଭୟ ଦୂର ହୋଇଥାଏ । କାହିଁକି ନା ଏହି ରୋଗ ହାଇପରଟେନଶନ ଓ ହୃଦୟ ସମ୍ବନ୍ଧରୁ ହୋଇଥାଏ । କିନ୍ତୁ ସୋରିଷ ଶାଗ ଖାଇବା ଫଳରେ ଏହି ରୋଗ ଦୂର ହୋଇଥାଏ ।

## ଟିକିଏ ହସନ୍ତୁ

ବୟଫ୍ରେଣ୍ଡ୍ ଗର୍ଲଫ୍ରେଣ୍ଡକୁ : ମତେ ତୁମ ଦାନ୍ତ ବହୁତ ଭଲ ଲାଗେ ।
ଗର୍ଲଫ୍ରେଣ୍ଡ : ସତ !
ବୟଫ୍ରେଣ୍ଡ : ହଁ ।
ଗର୍ଲଫ୍ରେଣ୍ଡ : କାହିଁକି ?
ବୟଫ୍ରେଣ୍ଡ : କାରଣ ମୋର ଫେଭରେଟ୍ କଲର୍ ହେଉଛି ୟେଲୋ ।

× × × ×

ଗୋପୀ ରାଜୁକୁ : କହିଲୁ ଦେଖି ମଣିଷ ନିଜକୁ ସବୁଠୁ ଅସୁରକ୍ଷିତ କେବେ ମନେ କରେ ?
ରାଜୁ : ଯେବେ ସେ ଟୟଲେଟ୍‌ରେ ଥାଏ ଓ ଭିତରପଟର କୁଣ୍ଡି ଖରାପ ହେଇ ଯାଇଥାଏ ।

× × × ×

ମନୋଜ ଦୁଃଖରେ ଭାଙ୍ଗିପଡ଼ି : ଜୀବନଟା ନର୍କ ହେଇଗଲାଣି ।
ସେତିକିବେଳେ ଯମରାଜ ଆସି : ହା...ହା..ହା.. ଚିନ୍ତା କରନା ।
ମନୋଜ : ତମେ କିଏ ଭାଇ ?
ଯମରାଜ : ମୁଁ ଯମ । ତୁମ ପାପର କଳସ ପୂର୍ଣ୍ଣ ହୋଇଗଲାଣି । ଚାଲ ମୋ ସାଙ୍ଗରେ ।
ମନୋଜ : କଳସ ପୂର୍ଣ୍ଣ ହେଲାଣି ତ ମୋଟର ବନ୍ଦ କରି ଦିଅ । ମୁଁ କାହିଁକି ତମ ସାଙ୍ଗରେ ଯିବି ?



× × × ×

ଅପରେଶନ୍ ପରେ ପେସେଣ୍ଟ କହିଲା : ଡାକ୍ତରବାବୁ, ମୁଁ ଏବେ ରୋଗମୁକ୍ତ ତ ?
ସାମ୍ନାରୁ ଉତ୍ତର ଆସିଲା : ପୁଅ, ଡାକ୍ତରବାବୁ ତ ମର୍ତ୍ତ୍ୟରେ ରହିଗଲେ, ମୁଁ ତ ଚିତ୍ରଗୁପ୍ତ ।

× × × ×

ଡାକ୍ତର ମହିଳାଙ୍କୁ : ଆପଣଙ୍କ ମୁହଁର କିଛି ଭାଗ ଏକ୍ସ-ରେ କରିବାକୁ ପଡ଼ିବ ।
ମହିଳା : ଏକ୍ସ-ରେ କ'ଣ ସାର ?
ଡାକ୍ତର : ଫଟୋ ଉଠିଲା ଭଳି ପ୍ରକ୍ରିୟା ହୋଇଥାଏ ।
ମହିଳା : ଦୁଇ ମିନିଟ୍ ରୁହନ୍ତୁ, ମୁଁ ଟିକେ ମେକ୍‌ଅପ୍ ଠିକ୍ କରିଦିଏ ।

× × × ×

ରାଜୁ : ବସ୍‌ଷ୍ଟପ୍‌ରେ ଜଣେ ବ୍ୟକ୍ତିଙ୍କ ୫୦୦ଟଙ୍କାର ନୋଟ୍ ହଜିଗଲା । ଏହି କାରଣରୁ ଅଫିସ୍ ପହଞ୍ଚିବା ଟିକେ ଡେରି ହୋଇଗଲା ।
ମ୍ୟାନେଜର : ଆଚ୍ଛା, ତେବେ ତୁମେ କ'ଣ ତା'ର ୫୦୦ନୋଟ୍ ଖୋଜିବାରେ ସାହାଯ୍ୟ କରୁଥିଲ ?
ରାଜୁ : ନା, ସାର୍ ମୁଁ ସେ ନୋଟ୍ ଉପରେ ଠିଆ ହୋଇଥିଲି ।

## ହଳଦୀର ଉପକାରିତା

ଆଜିକାଲି ଫ୍ୟାଟି ଲିଭର ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ହୋଇଗଲାଣି । ଅଧିକାଂଶ ଲୋକଙ୍କ ଲିଭରରେ ଅତ୍ୟଧିକ ଫ୍ୟାଟ ଜମା ହୋଇଯିବା କାରଣରୁ ମୋଟାପଣ, ଡାଇବେଟିସ, ଉଚ୍ଚ ରକ୍ତଚାପ, ଲିଭର ସିରୋସିସ୍, ହାର୍ଟଫେଲ ଓ କ୍ୟାନସର ଭଳି ମାରାତ୍ମକ ରୋଗର ଶିକାର ହେବାକୁ ପଡୁଛି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆମେ ରୋଷେଇ ଘରେ ବ୍ୟବହାର କରୁଥିବା ହଳଦୀ ହିଁ ଏକମାତ୍ର ଜିନିଷ ଯାହାକୁ ନିୟମିତ ସେବନ କରିବା ଦ୍ୱାରା ଲିଭରରେ ଜମାଟ ବାନ୍ଧିଥିବା ଫ୍ୟାଟ ତେଲ ଭଳି ତରଳିଯିବ । ଏଥିସହ ବହୁ ଅନ୍ୟ ମାରାତ୍ମକ ରୋଗ କବଳରୁ ମୁକ୍ତି ମିଳିବ ।

ଫ୍ୟାଟି ଲିଭର କ'ଣ ?

ଫ୍ୟାଟି ଲିଭର ଏଭଳି ଏକ ସ୍ଥିତି ଯାହାକି ଲିଭରର ୫% ଭାଗରେ ଫ୍ୟାଟ ଜମାଟ ବାନ୍ଧିଥାଏ । ଅତ୍ୟଧିକ ମଦ୍ୟପାନ ଓ ମୋଟାପଣ, ଡାଇବେଟିସ୍ ତଥା ଅତ୍ୟଧିକ ଚିନ୍ତା ଏବଂ ଅନିୟମିତ ଦିନଚର୍ଯ୍ୟା ଯୋଗୁ ଫ୍ୟାଟି ଲିଭର ସମସ୍ୟା ହୋଇଥାଏ । ଯଦି ଏହାକୁ ଠିକ୍ ସମୟରେ ଚିକିତ୍ସା କରା ନଯାଏ ତେବେ ଏହା ଗମ୍ଭୀର ରୂପ ଧାରଣ କରେ ।

ହଳଦୀ ଚିକିତ୍ସା: ହଳଦୀରେ କର୍କ୍ୟୁମିନ ନାମକ ଏକ ଶକ୍ତିଶାଳୀ ତତ୍ତ୍ୱ ରହିଛି । ଯାହାକି ଲିଭର ଲାଗି ଅତ୍ୟନ୍ତ ଲାଭଦାୟକ । ଏହାର ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଲିଭର ଫୁଲାକୁ ହ୍ରାସ କରିଥାଏ । ଏହି ତତ୍ତ୍ୱ ଲିଭର ବିଷାକ୍ତ ପଦାର୍ଥକୁ ସଫା କରିଦିଏ । ହଳଦୀ ଲିଭରକୁ ଡିଟକ୍ସିଫାଇ କରିବା ସହିତ ସେଥିରେ ବଢୁଥିବା ଅତିରିକ୍ତ ଫ୍ୟାଟକୁ ହ୍ରାସ କରିଥାଏ । ଏହା ଫ୍ୟାଟି ଲିଭର ସମସ୍ୟାରୁ ତୁରନ୍ତ ମୁକ୍ତି ଦେବା ସହିତ ଇମ୍ୟୁନ୍ ସିଷ୍ଟମକୁ ମଜଭୁତ



କରିଥାଏ । ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ଏହା ମେଟାବଲିଜମକୁ ବୃଦ୍ଧି କରିବା ଫଳରେ ଲିଭର ସମସ୍ୟାକୁ ନିୟନ୍ତ୍ରଣରେ ରଖିଥାଏ ।

କେଉଁ ହଳଦୀ ଭଲ : ଆମେ ରୋଷେଇରେ ବ୍ୟବହାର କରୁଥିବା ଗୁଣ୍ଡ ହଳଦୀ ଠାରୁ କଞ୍ଚା ହଳଦୀ ବା ପାହାଡି କଞ୍ଚା ହଳଦୀ ବହୁଗୁଣ ଭଲ । ଏହାକୁ ବାଟି କିମ୍ବା ଛୋଟ ଖଣ୍ଡେ ଚୋବାଇ ଖାଇବା ଦ୍ୱାରା ଏଥିରେ ଅଧିକ କର୍କ୍ୟୁମିନ ମାତ୍ରା ରହିଥିବାରୁ ଲିଭର ପାଇଁ ଫଳପ୍ରଦ ହୋଇଥାଏ । କିନ୍ତୁ ଗୁଣ୍ଡ ହଳଦୀ କମ୍ ପରିମାଣର କର୍କ୍ୟୁମିନ ରହିଥିଲେ ହେଁ ଏହାକୁ ଟିକେ ଅଧିକ ମାତ୍ରାରେ ଖାଇବାକୁ ପଡିଥାଏ ।

ଉପଯୋଗ: ଏକ ଗ୍ଲାସ ଉଷୁମ କ୍ଷୀରରେ ଅଧା ଚାମଚ ହଳଦୀ ମିକ୍ସ କରି ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ସେବନ କରନ୍ତୁ ଏହା ଲିଭରକୁ ସଫା କରିବା ସହିତ ଫ୍ୟାଟ୍ ହ୍ରାସ କରିବାରେ ସହଯୋଗ କରିଥାଏ ।

ହଳଦୀ ପ୍ରସ୍ତୁତ କାଢ଼ା ପିଅନ୍ତୁ । ଆପଣ ଖଣ୍ଡ ହଳଦୀ କିମ୍ବା ଗୁଣ୍ଡ ହଳଦୀ, ଅଦା ଛୋଟ ଖଣ୍ଡେ ଓ ଏଥିରେ ୧ ଚାମଚ ମହୁ ଏବଂ ଚଉଠ ଚାମଚ ଗୋଲମରିଚ ଗୁଣ୍ଡ ପକାଇ କାଢ଼ା ପ୍ରସ୍ତୁତ କରି ପ୍ରତିଦିନ ପିଇବା ଦ୍ୱାରା ଲିଭର ସମସ୍ୟା ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଅଳ୍ପ ବଟା ହଳଦୀ ନଖି ଉଷୁମ ପାଣିରେ ପିଇବା ଲିଭର ପାଇଁ ଖୁବ୍ ଭଲ । ଏଥିସହିତ ପିଲା ଓ ବଡ଼ଙ୍କ କୃମି ଦୋଷ ଦୂର କରିଥାଏ । ଏକ ଚାମଚ ହଳଦୀ ପାଉଡର ସହିତ ୧ଚାମଚ ମହୁ ମିକ୍ସ କରି ଖାଲି ପେଟରେ ଖାଇଲେ ଏହା ମଧ ଲିଭରକୁ ସୁସ୍ଥ ରଖିଥାଏ । ତଥା ଡିଟକ୍ସିଫାଇ କରିବାରେ ସହାୟତା କରିଥାଏ ।

## ଆଣ୍ଟିବାୟୋଟିକ୍ ବ୍ରୋକଲି

ନିକଟରେ କରାଯାଇଥିବା ଏକ ଗବେଷଣା ଅନୁସାରେ ବ୍ରୋକଲିରେ ଏପରି ଏକ ତତ୍ତ୍ୱ ରହିଛି ଯାହା ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ । ଏହି ବ୍ୟାକ୍ଟେରିଆ ପେଟରେ କ୍ୟାନ୍ସର ସୃଷ୍ଟି କରିଥାଏ । ହେଲିକୋବେକ୍ଟର ପାୟଲୋରୀ ବ୍ୟାକ୍ଟେରିଆ ଦ୍ୱାରା ପେଟରେ କ୍ୟାନ୍ସର ହୋଇଥାଏ । ଏହି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ବ୍ରୋକଲିର ସେବନ ବେଶ୍ ଲାଭପ୍ରଦ । ଆଣ୍ଟିବାୟୋଟିକ୍ ଯାହା ବହୁତ ମହଙ୍ଗା । ବ୍ରୋକଲି କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହିତ ଲାଭକାରୀ ବ୍ୟାକ୍ଟେରିଆକୁ ଉତ୍ପନ୍ନ କରିଥାଏ । ଜାନ୍ସ ହାପିକନ୍ସ ୟୁନିଭର୍ସିଟିର ବିଶେଷଜ୍ଞ ଏବଂ ଦ ଫ୍ରେଞ୍ଚ ନ୍ୟାସନାଲ ସାଇଣ୍ଟିଫିକ୍ ରିସର୍ଚ୍ଚ ସେଣ୍ଟରର ବିଶେଷଜ୍ଞ ଟିମ୍‌ଙ୍କ କହିବାନୁସାରେ, ଏହି କ୍ଷତିକାରକ ବ୍ୟାକ୍ଟେରିଆ ଯୋଗୁଁ ଶରୀରରେ ଯେଉଁ ସଂକ୍ରମଣ ହେଉଛି ବ୍ରୋକଲି ତାକୁ ଦୂର କରିପାରିବ ।



## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉର୍ଦ୍ଧଦଗ୍ଧକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।



- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶି ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

## ଲିଭର୍ ନଷ୍ଟରୁ ବଞ୍ଚାଇବ ଭୃସଙ୍ଗପତ୍ର

ଭୃସଙ୍ଗ ପତ୍ରକୁ ରୋଷେଇ କରିବା ସମୟରେ ସ୍ୱାଦ ପାଇଁ ବ୍ୟବହାର କରାଯାଏ ବୋଲି ଆମେ ସାଧାରଣତଃ ଜାଣିଛୁ । ଏହି ପତ୍ରର ଚାହିଦା ଦକ୍ଷିଣ ଭାରତରେ ବେଶ୍ ଅଧିକ ରହିଥିବାର ଦେଖାଯାଇଥାଏ । ଭାରତର ଅନେକ ଅଞ୍ଚଳରେ ରହିଥିବା ବାସିନ୍ଦା ଖାଦ୍ୟ ପ୍ରସ୍ତୁତି ସମୟରେ ଭୃସଙ୍ଗ ପତ୍ରର ବ୍ୟବହାର କରୁଛନ୍ତି । ହେଲେ ଏହାର ଗୁଣବତ୍ତା କ'ଣ ସବୁ ରହିଛି ତାହା ସମସ୍ତଙ୍କୁ ଅଛପା ରହିଛି । ଭୃସଙ୍ଗ ପତ୍ରରେ ଭରି ରହିଛି ଅସଂଖ୍ୟ ଗୁଣ । ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ଯାହା ଆପଣଙ୍କ କେଶ ଓ ତ୍ୱଚାର ଚମକ ବଢ଼ାଇବା ସହ ବିଭିନ୍ନ ରୋଗରୁ ମଧ ରକ୍ଷା କରିଥାଏ । ନିକଟରେ ହୋଇଥିବା ଏକ ପରୀକ୍ଷାରୁ ଜଣାପଡିଛି ଯେ, ଅଧିକ ମଦ୍ୟପାନ କରିବା ଦ୍ୱାରା ମନୁଷ୍ୟର ଲିଭର୍ ନଷ୍ଟ ହୋଇ ଯାଇଥାଏ । ସେଥିପାଇଁ ଖାଦ୍ୟରେ ଭୃସଙ୍ଗ ପତ୍ରର ବ୍ୟବହାର କରିବା ଦ୍ୱାରା ଏହା ଲିଭରକୁ ସୁସ୍ଥ ରଖିଥାଏ । ଭୃସଙ୍ଗପତ୍ରରେ ରହିଥାଏ ଭିଟାମିନ ଏ ଓ ସି' ଯାହା ଲିଭର ପାଇଁ ଖୁବ୍ ହିତକର । ଏହି ପତ୍ରରେ



ଭରି ରହିଥିବା ଫାଇବର ରକ୍ତରେ ଇନସୁଲିନ୍‌କୁ ସଠିକ୍ ଭାବେ ପ୍ରଭାବିତ କରି ରକ୍ତ ଶର୍କରାର ମାତ୍ରାକୁ କମ୍ କରିଥାଏ । କେବଳ ସେତିକି ନୁହେଁ ଏହି ପତ୍ର ଖାଇବା ଦ୍ୱାରା ହଜମ ଶକ୍ତି ବଢ଼ିବା ସହ ଶରୀରରେ ରହିଥିବା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ । ତେଣୁ ମଧୁମେହ ଓ ଓଜନ ବୃଦ୍ଧି ପାଉଥିବା ଲୋକେ ଏହି ପତ୍ର ଖାଇବା ଅତ୍ୟନ୍ତ ଜରୁରୀ । ଏସବୁ ବ୍ୟତୀତ ଭୃସଙ୍ଗ ପତ୍ର ଖାଇବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରୋଲ ମାତ୍ରା ଠିକ୍ ରହିଥାଏ ଯାହା ହୃଦୟ ସମ୍ପର୍କିତ ରୋଗରୁ ଆମକୁ ରକ୍ଷା କରିଥାଏ ।

## ତରଭୁଜ ଖାଇବାର ଆବଶ୍ୟକତା

ଶରୀରକୁ ଥଣ୍ଡା ରଖିବା ଖାଦ୍ୟପାନୀୟ ଗ୍ରୀଷ୍ମଦିନେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତରଭୁଜ ରସ ନିୟମିତ ଏଇ ଋତୁରେ ପିଇବା ହିତକାରୀ ।

ସକାଳୁ ଉଠି ଖାଲିପେଟରେ ତରଭୁଜ ରସରେ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ତାହା ରକ୍ତଚାପ ନିୟନ୍ତ୍ରଣ ସହ ଖାଦ୍ୟ ହଜମରେ ମଧ ସାହାଯ୍ୟ କରେ । ସୁଆଦିଆ ଏହି ପାନୀୟ ପିଇଲେ ଓଜନ ନିୟନ୍ତ୍ରଣରେ ରହିବା ସହ ଭୋକ ମଧ ଶୀଘ୍ର ଲାଗେ ନାହିଁ । ଏହି ଫଳ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ପେଟ ଥଣ୍ଡା ରଖିବାରେ ସହାୟକ ହୋଇଥାଏ ।

ଶରୀରରୁ ବିଭିନ୍ନ ପ୍ରକାର ଟକ୍ସିନ୍ ଦୂର କରିବାରେ ସାହାଯ୍ୟ କରୁଥିବା ତରଭୁଜ ରସ ତ୍ୱଚାରେ ବୟସର ଛାପ ମଧ କମ୍ କରୁଥିବାର ବିଶେଷଜ୍ଞଙ୍କ ମତ ।

ତେବେ ଏହି ଫଳ ଖାଇବା ପୂର୍ବରୁ କେତୋଟି ଜରୁରୀ କଥା ଜାଣି ରଖନ୍ତୁ । ହୃଦରୋଗୀ ଓ ବୃକକ୍ ରୋଗୀ ଡାକ୍ତରଙ୍କ ପରାମର୍ଶରେ ତରଭୁଜ ଖାଇବା ଉଚିତ ।

ରାତିବେଳା ତରଭୁଜ ନ ଖାଇବା ଉଚିତ । ଏଥିରେ ଥିବା ଶର୍କରା ପରିମାଣ ଓଜନ ବଢ଼ାଇଥାଏ ।

ଏହା ସହ ୯୦% ଏହି ଫଳରେ ଜଳୀୟ ଅଂଶ ଥିବାରୁ ରାତିବେଳା ଖାଇଲେ ବାରମ୍ବାର ପରିସ୍ରା ଲାଗେ ଓ ନିଦରେ ବ୍ୟାଘାତ ହୋଇଥାଏ ।



## କହିପାରିବେ କି ?

(୧) କେଉଁ ସୋସିଆଲ ମିଡିଆ ଭାରତରେ ତା'ର 'ଏକ୍ସପ୍ରେସ୍ ୱାଇ ଫାଇ' ସେବା ଆରମ୍ଭ କରିଛି ?
(୨) କେଉଁ ଦେଶର ବୈଜ୍ଞାନିକ ବିଶ୍ୱର ସବୁଠାରୁ ଫାଷ୍ଟେଷ୍ଟ୍ କ୍ୟାମେରା ତିଆରି କରିଛନ୍ତି ?
(୩) କେଉଁ ମସିହାରେ ଆମେରିକା ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକଟ୍ରିକାଲ୍ ଇଞ୍ଜିନିୟରର ସ୍ଥାପନା ହୋଇଥିଲା ?
(୪) ସେଣ୍ଟ୍ରାଲ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ କେଉଁଠି ଅବସ୍ଥିତ ?
(୫) ବିଜୁ ପଟ୍ଟନାୟକଙ୍କ ପତ୍ନୀଙ୍କ ନାଁ କ'ଣ ?
(୬) ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଯୋଡି ଲକ୍ଷ୍ମୀକାନ୍ତ ପ୍ୟାରେଲାଲଙ୍କ ଦ୍ୱାରା ସ୍ୱରବଦ୍ଧ ହୋଇଥିବା ପ୍ରଥମ ଫିଲ୍ମର ନାଁ କ'ଣ ?
(୭) ପଦ୍ମ ପୁରସ୍କାର କେବେ ସ୍ଥାପିତ ହୋଇଥିଲା ?
(୮) ଉତ୍ତର ପ୍ରଦେଶର ସବୁଠୁ ଲୋକପ୍ରିୟ ଲୋକଗୀତ କ'ଣ ?
(୯) ଭାରତର କେଉଁ ରାଜ୍ୟରେ ଲୁଡି ନୃତ୍ୟ ପ୍ରଦର୍ଶନ କରାଯାଇଥାଏ ?
(୧୦) ଜଣେ ବୟସ୍କ ମଣିଷ ଦେହରେ କେତେଖଣ୍ଡ ହାଡ଼ ରହିଥାଏ ।?

### JUMBLE WORDS

| | | | | | |
|---|---|---|---|---|---|
| 1) CAKOL | = | | 6) CTAHL | = | |
| 2) CREPH | = | | 7) NAUNTS | = | |
| 3) DAHNER | = | | 8) KTHESC | = | |
| 4) TENYIT | = | | 9) CNPIH | = | |
| 5) TBEAA | = | | 10) TAFIH | = | |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଗୁପ୍ତ ସମ୍ରାଟ୍ ସମୁଦ୍ରଗୁପ୍ତ, ୨. ଚରକ, ୩. ମାକ୍‌ମହୋନ ସୀମାରେଖା, ୪. ସରଳା ଦେବୀ, ୫. ମହାନଦୀ, ୬. ସଲଫର ଡାଇଅକସାଇଡ୍ ଏବଂ ନାଇଟ୍ରୋଜେନ୍ ଅକସାଇଡ୍, ୭. ସିଲିକନ୍, ୮. ସିଲିକୋସିସ୍, ୯. ବେକେଲାଇଟ୍, ୧୦. ପଲିଷ୍ଟିରିନ୍ ।

***Jumble Words*** **ର ଉତ୍ତର :-**

(1) DRENCH (2) DISOWN (3) MANLY (4) STASH (5) CUDDLY (6) PONCHO (7) GLAZE (8) AGENT (9) DROOPY (10) JARGON

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ହେବ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ: କୁଳପତି

ସମ୍ବଲପୁର: ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ ହେବ । ବୟସ, ଲିଙ୍ଗ, ବର୍ଗ ନିର୍ବିଶେଷରେ ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ସମସ୍ତଙ୍କୁ ଅନ୍‌ଲାଇନ୍ ଯୋଗେ ଶିକ୍ଷାଦାନ କରାହେବ । ଗୁଣାତ୍ମକ ଶିକ୍ଷା ପ୍ରତ୍ୟେକଙ୍କ ଦ୍ୱାରମୁହଁରେ ପହଞ୍ଚିବ । କିନ୍ତୁ ପରୀକ୍ଷା ଅନୁଷ୍ଠାନ ପ୍ରାଙ୍ଗଣରେ କଡ଼ା ଶୃଙ୍ଖଳା ମଧ୍ୟରେ ଅନୁଷ୍ଠିତ ହେବ । ଯିଏ ଉପଯୁକ୍ତ ଶିକ୍ଷା ଲାଭ କରିଥିବ, ସିଏ ହିଁ ଉତ୍ତୀର୍ଣ୍ଣ ହୋଇ ପ୍ରମାଣପତ୍ର ଲାଭ କରିବ ବୋଲି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ କହିଛନ୍ତି । ପ୍ରଫେସର ପଟ୍ଟନାୟକ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ମୁକ୍ତ ହୋଇସାରିଛି । ଯେଉଁ ପ୍ରକାର ମେଟାଭର୍ସ (ଆଭାସୀ ଦୁନିଆ) ଆସୁଛି, ଏଥିପାଇଁ ସମସ୍ତଙ୍କୁ ସେହି ଅନୁଯାୟୀ ଦକ୍ଷ ହେବାକୁ ପଡ଼ିବ । ଛୋଟଛୋଟ ଅଭିନବ ଷ୍ଟାର୍ଟଅପ୍ ପରବର୍ତ୍ତୀ ସମୟରେ ଜମାଟୋ, ସ୍ୱିଗି, ଓଲା, ଉବର ଭଳି ବିଶାଳ ବ୍ୟବସାୟ ହେବାର ଉଦାହରଣ ଦେଇ ଉଦ୍ୟୋଗରେ ସୃଜନଶୀଳତା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସ୍ଥାନୀୟ ଉତ୍ପାଦକୁ ବିଦେଶ ପର୍ଯ୍ୟନ୍ତ ପହଞ୍ଚାଇବାକୁ ହେବ । ଅନୁସୂଚିତ ଜାତି, ଜନଜାତି ଉଦ୍ୟୋଗୀଙ୍କ ପ୍ରଶିକ୍ଷଣ ଓ ବିକାଶ ପାଇଁ ଜନଜାତି ଉନ୍ନୟନ ମନ୍ତ୍ରୀ ଜୁଏଲ୍ ଓରାମଙ୍କୁ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ୧୨୬ କୋଟି ଟଙ୍କାର ଏକ ବିସ୍ତୃତ ପ୍ରସ୍ତାବ ଦିଆଯାଇଥିବା ସେ କହିଥିଲେ ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଅଭିବୃଦ୍ଧି ଓ ନବନ୍ୟାସର ଏକ ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମୁକ୍ତ ଓ ଦୂର ଶିକ୍ଷା କ୍ଷେତ୍ରରେ ଏକ ରୂପାନ୍ତରିତ ଯାତ୍ରାକୁ ଆପଣେଇ ନେଇଛି । ଓଡ଼ିଶା ତଥା ଓଡ଼ିଶା ବାହାରେ ଶିକ୍ଷାର୍ଥୀମାନଙ୍କ ନିକଟରେ ପହଂଚିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ ଅଗ୍ରଗତି କରୁଛି । ଏକ୍‌ଜିଟ ଅପସନ୍ ପରି ସୁବିଧା ପ୍ରଦାନ କରିବା ପାଇଁ ଏନ୍‌ଇପି ୨୦୨୦ କାର୍ଯ୍ୟକାରୀ କରିବାକୁ ଅନୁଷ୍ଠାନ ଏବେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଶୈକ୍ଷିକ ଗ୍ରହଣଶୀଳତାର ପରିବର୍ତ୍ତନ ଅଣାଯାଇଛି । ଇତିହାସ, ରାଜନୀତି ବିଜ୍ଞାନ, ପବ୍ଲିକ ଏଡମିନଷ୍ଟ୍ରେସନ ଏବଂ ଅର୍ଥନୀତି ବିଷୟରେ ସ୍ନାତକୋତ୍ତର ପାଇଁ ନାମଲେଖା ଜାରି ରହିଛି । ଏପର୍ଯ୍ୟନ୍ତ ୨୯୫୯ ଛାତ୍ରଛାତ୍ରୀ ଅନୁଷ୍ଠାନରେ ନାମ ଲେଖାଇଛନ୍ତି । ଫେବ୍ରୁଆରି ୨୦୨୫ ସୁଦ୍ଧା ୩୦ ହଜାର ହଜାର ଛାତ୍ରଛାତ୍ରୀ ନାମ ଲେଖାଇବାର ଆଶା କରାଯାଉଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗରେ ଦାଖଲ ହୋଇଥିବା ୨୦ଟି ନୂତନ ୟୁଜି ଓ ପିଜି ପାଠ୍ୟକ୍ରମ ପ୍ରଚଳନ ଅପେକ୍ଷାରେ ରହିଛି । ଜୁଲାଇ ୨୦୨୫ ଶିକ୍ଷାବର୍ଷ ଭିତରେ ୫୦ ହଜାର ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରିବାର ଲକ୍ଷ୍ୟ ରଖି ଗୁଣାତ୍ମକ ଶିକ୍ଷାର ଭିତରେ ୨୪ଟି କାର୍ଯ୍ୟକ୍ରମ ବ୍ୟତୀତ ୨୦ଟି ଅନ୍‌ଲାଇନ କାର୍ଯ୍ୟକ୍ରମ ଆପଣାଇବାକୁ ଧାର୍ଯ୍ୟ ହୋଇଛି । ଦକ୍ଷତା ଆଧାରିତ ଅନ୍‌ଲାଇନ୍ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି । ନିଯୁକ୍ତି ଓ ଶିଳ୍ପ ପ୍ରାସଙ୍ଗିକତା ଉପରେ ଧ୍ୟାନ ଦେବା ଉଦ୍ଦେଶ୍ୟରେ ଡିସେମ୍ବର ୨୦୨୪ ସୁଦ୍ଧା ଡିଜିଟାଲ ମାର୍କେଟିଂ, ଆର୍ଟିଫିସିଆଲ ଇଂଟେଲିଜେନ୍ସ, ସାଇବର ସିକ୍ୟୁରିଟି, କମ୍ୟୁନିକେସନ ସ୍କିଲ ଇନ୍ ଇଂଲିଶ, ଅର୍ଥନୀତି ଏବଂ ଫାଇନାନ୍‌ସିଆଲ ଆକାଉଣ୍ଟିଂରେ ଅନ୍‌ଲାଇନ୍ ଦକ୍ଷତାମୂଳକ କ୍ରେଡିଟ୍ ଆଧାରିତ କାର୍ଯ୍ୟକ୍ରମ ପ୍ରଚଳନ କରାଯିବ ।

ପ୍ରଫେସର ପଟ୍ଟନାୟକ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟରେ ୫୦ କିଲୋୱାଟର ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କରାଯିବ । ବୈଷୟିକ ଉନ୍ନତି ଆଣିବା ଦୃଷ୍ଟିରୁ ସାମଗ୍ରିକ ଶିକ୍ଷଣ ଅଭିଜ୍ଞତାକୁ ବଢ଼ାଇବା, ଡ୍ୟାସବୋର୍ଡ୍ ଅନ୍‌ଲାଇନ୍ ଶିକ୍ଷାକୁ ସମର୍ଥନ କରିବାକୁ ଇଂଟିଗ୍ରେଟେଡ୍ ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମ ରହିଛି । ଏକାଡେମିକ ଏବଂ ବୃତ୍ତିଗତ କାର୍ଯ୍ୟକ୍ରମ ଓ କାର୍ଯ୍ୟକଳାପ ଆୟୋଜନ ପାଇଁ ଏକ ସଂପୂର୍ଣ୍ଣ ଡିଜିଟାଲାଇଜଡ୍ ସେମିନାର ହଲ୍ ଏବଂ ଅଡିଓ ଭିଡ଼ିଓ ଷ୍ଟୁଡ଼ିଓ ତିଆରି ହୋଇଛି । ଡିଜିଟାଲ ଶିକ୍ଷାକୁ ସୁଗମ କରିବା ପାଇଁ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍ ସ୍ଥାପନ କରାଯାଇଛି । ରାଜ୍ୟର ଦୂରଦୂରାନ୍ତରେ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ୨୦୨୫ ମସିହାରେ ୫ଟି ନୂତନ ଆଂଚଳିକ କେନ୍ଦ୍ର ଏବଂ ନୂତନ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସିଷ୍ଟମ (ଏସ୍‌ଓୟୁଏଲ୍ ୩.୦) ବ୍ୟବସ୍ଥା ମଧ୍ୟ ଯୋଜନା ଚାଲିଛି । ଲାଇବ୍ରେରି ଅଟୋମେସନ୍ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହାୟତା ଯୋଗୁଁ ଓଡ଼ିଶା ରାଜ୍ୟ ମୁକ୍ତବିଶ୍ୱବିଦ୍ୟାଳୟ ପକ୍ଷରୁ ଅନେକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବା ସହିତ ଆଗାମୀ ଦିନରେ ଦେଶବିଦେଶର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ି ତୋଳିବା ପାଇଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ସାଂସଦ ଓ ବିଧାୟକ ଙ୍କ ଦ୍ୱାରା ବିଭିନ୍ନ ରାସ୍ତାର ଉଦଘାଟନ ଓ ଶିଳାନ୍ୟାସ

ଝାରସୁଗୁଡ଼ା: କୋଲାବିର ବ୍ଲକ ଅଞ୍ଚଳରେ ବିଭିନ୍ନ ରାସ୍ତାର ଉନ୍ନତିକରଣ



ପାଇଁ ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୂର୍ତ୍ତ ବିଭାଗର ଦୁଇଟି ରାସ୍ତା ଉଦଘାଟନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ର ଗୋଟିଏ ରାସ୍ତାର ଶିଳାନ୍ୟାସ କରିଛନ୍ତି । ପୂର୍ତ୍ତ ବିଭାଗ ପକ୍ଷରୁ ୧୫ କୋଟି ବ୍ୟୟ ରେ ନିର୍ମିତ ସାହସପୁର ରୁ ମାଲିଡିହି ଭାୟା ନିକ୍ତିମାଲ ରାସ୍ତା ଓ ସାଢ଼େ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ପୋଖରାସାଲ ରୁ ସମାସିଂହା ରାସ୍ତା ଉଦଘାଟନ କରିଛନ୍ତି । ଏହି ଉତ୍ସବ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀର ନାଏକ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ପାଣିଗ୍ରାହୀ, ଏସିଡିଓ ଆଶିଷ ଲେଙ୍କା, ଜେଇ ସୁବୋଧ ଗୁଖୁରା, ତାପସ ନାଏକ, ବିଜେପି ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଲାବିରା ଗ୍ରିଡ୍‌ରୁ ରଘୁନାଥ ପାଲି ପର୍ଯ୍ୟନ୍ତ ୨ କୋଟି ୫୩ ଲକ୍ଷ ଟଙ୍କା ରେ ନିର୍ମାଣ ହେବାକୁ ଥିବା ରାସ୍ତା ପାଇଁ ସାଂସଦ ଓ ବିଧାୟକ ଶୁଭ ଦେଇଥିଲେ । ଏହି ଉତ୍ସବରେ ଜିଲ୍ଲା ପରିଷଦ ସିଇଓ ପ୍ରବୀର ନାଏକ, କୋଲାବିରା ବିଡ଼ିଓ ଅଶୋକ କୁମାର ନାଏକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ ଡି ଓ ଦାଶରଥି ସେଠି, ଜେ ଇ ପି କେ ମାଝୀ ଓ ଶ୍ୟାମ ସାଗର ସାଏ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କୋଲାବିରା ଛକରେ ସାର୍ବଜନୀନ ଉପଯୋଗିତା କେନ୍ଦ୍ରକୁ ମଧ ଏମ୍.ପି. ଏବଂ ଏମ୍.ଏଲ୍.ଏ ଉଦଘାଟନ କରିଥିଲେ ।

## ଘନଶ୍ୟାମ ହେମଲତା ବିଦ୍ୟାଳୟ ମନ୍ଦିରରେ ଆନ୍ତଃ ହାଉସ୍ ନୃତ୍ୟ ପ୍ରତିଯୋଗିତା

ଝାରସୁଗୁଡା: ବାଲିଯୋରି ସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିରରେ ଆନ୍ତଃ ହାଉସ୍ ନୃତ୍ୟ ପ୍ରତିଯୋଗିତା ଓ ସିସିଏ ଓ ଇନୋଭିଜନ୍ -୨୦୨୪ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସଂଯୁକ୍ତା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡୁନ୍ ପବ୍ଲିକ ସ୍କୁଲର ଅଧକ୍ଷ ଶ୍ରୀ ନିର୍ମଳ ସିଂ, ଆନନ୍ଦ ସମୃଦ୍ଧି ବିଦ୍ୟାପୀଠର ଶିକ୍ଷୟତ୍ରୀ ଶ୍ରୀମତୀ ସୁଜାତା ନାଏକ ଓ ନୃତ୍ୟ ଗୁରୁ ଶ୍ରୀ ସନ୍ତୋଷ ଦାସ ବିଚାରକ ଭାବେ ଯୋଗ ଦେଇଥିଲେ । ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ର ପ୍ରବନ୍ଧକ ଶ୍ରୀ ପବିତ୍ର ମୋହନ ବେହେରା ତଥା ଅନ୍ୟ ସଦସ୍ୟଗଣ ଶ୍ରୀ ତ୍ରିଲୋଚନ ପ୍ରଧାନ, ଶ୍ରୀ ଯଦୁମଣି ପାଣ୍ଡେ, ଶ୍ରୀ ପ୍ରବୀର ମୁଦୁଲି, ଶିକ୍ଷାବିତ୍ ଶ୍ରୀ ଶ୍ୟାମାଚରଣ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ଶ୍ରୀ ବି.ବ ବରାଇ, ଶ୍ରୀ ତ୍ରିନାଥ ଗୁଆଲ, ଶ୍ରୀ ସୌଭାଗ୍ୟ ପଟେଲ( ପିଟି ଏ ସେକ୍ରେଟାରୀ) ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଦ୍ୱୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଛାତ୍ରୀ ଆସ୍ଥା ତିୱାରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଓଡିଶୀ ନୃତ୍ୟ ବେଶ୍ ଉଚ୍ଚକୋଟୀର ହୋଇଥିଲା । ଇତ୍ୟବସରରେ ବିଦ୍ୟାଳୟର ଅମ୍ବର, ପୃଥିବୀ, ସୌର୍ଯ୍ୟ ଓ ଅଗ୍ନି ହାଉସ୍ ର ହାଉସ୍ ମାଷ୍ଟର ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆନ୍ତଃହାଉସ୍ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଉକ୍ତ ନୃତ୍ୟ ପ୍ରତିଯୋଗିତାରେ ପୃଥିବୀ ହାଉସ୍ ବିଜୟୀ ଓ ସୌର୍ଯ୍ୟ ହାଉସ୍ ରନର୍ସ ଅପ୍ ହୋଇଥିବା ବେଳେ ଅନ୍ୟ ହାଉସ୍ ଗୁଡିକ ମଧ ଉଚ୍ଚକୋଟୀର ନୃତ୍ୟ ପରିବେଷଣ ମାଧମରେ ସମାଜକୁ ଏକ ବାର୍ତ୍ତା ପ୍ରଦାନ କରିଥିଲେ । ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଶିକ୍ଷକ ଶ୍ରୀ ଶୁଭେନ୍ଦୁ କୁମାର ମେହେର ଓ ହିନ୍ଦୀ ଶିକ୍ଷକ ଶ୍ରୀ ମୋହିତ କୁମାର ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଗଣିତ ଶିକ୍ଷକ ଶ୍ରୀ ପ୍ରଦୀପ ରଂଜନ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ର ସଂସଦ ଦ୍ୱାରା ପ୍ରଦର୍ଶିତ ହୋଇଥିବା ନୃତ୍ୟ ବେଶ୍ ମନଛୁଆଁ ହୋଇ ପାରିଥିଲା ।

## ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ୧୫ତମ ବାର୍ଷିକ ଉତ୍ସବ

ସମ୍ବଲପୁର: ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ପଞ୍ଚଦଶ ବାର୍ଷିକ ଉତ୍ସବ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଧମା ନିକଟସ୍ଥ




ନୁଆଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ହୋଇଥିବା ଏହି ଉତ୍ସବରେ ୧୧ଟି ଜିଲ୍ଲାର ସଂଯୋଜକ ଓ ବ୍ଲକ ସଂଯୋଜକ ମାନେ ଯୋଗ ଦେଇଥିଲେ । ଉତ୍ସବକୁ ପରିଷଦର ପ୍ରଭାରୀ ରାଧେକୃଷ୍ଣ ପଣ୍ଡା ସଂଯୋଜନା କରିଥିବା ବେଳେ ପରିଷଦର ସମ୍ବଲପୁର ଜିଲ୍ଲା ସଂଯୋଜକ ଦିଲୀପ ବଡ଼େଇ, ଦେବଗଡ଼ ଜିଲ୍ଲା ସଂଯୋଜକ ରୋହିତ ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲା ସଂଯୋଜକ କରମଚାନ୍ଦ ମହାନ୍ତି, ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ଲିଙ୍ଗରାଜ ନାଏକ ଓ କନ୍ଧମାଳ ଜିଲ୍ଲା ସଂଯୋଜକ ଅଜୟ କହଁର ପ୍ରମୁଖ ପରିଷଦର ସଙ୍ଗଠନକୁ ଦୃଢ଼ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସମ୍ପାଦକ ମାନଭଞ୍ଜନ ନାଏକ, ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ ବାରିକ ଓ ପୂର୍ବତନ ଜିଲ୍ଲା ସଭାପତି ରାଜେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଅପରାହ୍ନରେ ତୁଷାର ବାରିକ ଓ ଅରୁଣ ସାହୁଙ୍କ ପରିଚାଳନାରେ ସମ୍ବଲପୁର ଜିଲ୍ଲା ସାଲଡ଼ ଗ୍ରାମର ଜୟନ୍ତୀ ବେହେରା, ସଙ୍ଖଳାର ସଲୋନୀ ଭୋଇ, ସାଲେସିଂହର ମଧୁମିତା ଭୋଇ, ବଏଦାରକଣ୍ଟାର ଚିଦାନନ୍ଦ ପୁରୋହିତ, ସୁବର୍ଣ୍ଣପୁର ଜିଲ୍ଲା ବାଗଡ଼ିଆର ସଂଜୁ ଭୋଇ, ବରଗଡ଼ ଜିଲ୍ଲା ଜାମପାଲିର କିରଣ ହୋତା, ଗୋପାଳପୁରର ପୂର୍ଣ୍ଣଚନ୍ଦ୍ର ନାଏକ, ପ୍ରଧାନଟିକ୍ରାର ଉତ୍ତମ ମହାକୁଡ଼ ଓ କୁବେଡେଗାର ପୁଷ୍ପାଞ୍ଜଳି ବିଶି, ସୁନ୍ଦରଗଡ଼ ଜିଲ୍ଲା ଦେୱନପୁରର ଯମୁନା ମାଝୀ ଏବଂ ବୌଦ୍ଧ ଜିଲ୍ଲା ଜଗତିର କେଦାର ମେହେର ନମୁନା କୀର୍ତ୍ତନ ପରିବେଷଣ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

24 - 30 November 2024



# ଆତ୍ମନିଯୁକ୍ତି ପାଇଁ ୫୦୦ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏମ୍‌ସିଏଲ୍ ଦେବ ଇ-ସାଇକେଲ

ସମ୍ବଲପୁର: ରାଜ୍ୟର ଭିନ୍ନକ୍ଷମ ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଏମସିଏଲ୍ ତରଫରୁ ୫୦୦ଟି ଇ-ରିକ୍ସା ଦିଆଯିବ । କମ୍ପାନୀର ସିଏସଆର ପାଣ୍ଠିରୁ ଏଥିପାଇଁ ସାଢ଼େ ୭ କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିରେ ୫୦୦ଟି ଇ-ରିକ୍ସା ରାଜ୍ୟର ୩୦ ଗୋଟି ଜିଲ୍ଲାରର ଭିନ୍ନକ୍ଷମ ମାନଙ୍କୁ ଦିଆଯିବ । ଏହି ଅବସରରେ ସମ୍ବଲପୁର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଇ-ରିକ୍ସା ବଣ୍ଟନ କରିବେ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏଥିପାଇଁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଇ-ରିକ୍ସାର ସ୍ଥିତି, କାର୍ଯ୍ୟକ୍ରମ ପାଇଁ ସ୍ଥାନ ଚୟନ, ହିତାଧିକାରୀଙ୍କୁ ସ୍ଥାନାନ୍ତର ପାଇଁ ସ୍ଥାନ ଚୟନ, ନୋଡାଲ ଅଫିସର ଚୟନ, ପରିବହନ କମିଟି ଗଠନ, ମଞ୍ଚ ବ୍ୟବସ୍ଥା କମିଟି ଗଠନ, ଆମ୍ବୁଲାନ୍ସ/ଅଗ୍ନିଶମ ସେବାର ବ୍ୟବସ୍ଥା ଓ କାର୍ଯ୍ୟକ୍ରମ କାର୍ଯ୍ୟକୁ ସୁଗମ କରିବା ଉପରେ ଆଲୋଚନା ହୋଇଥିଲା । ପ୍ରତ୍ୟେକ ଜିଲ୍ଲାର ଭିନ୍ନକ୍ଷମ ମାନେ କିପରି ସୂଚାରୁ ରୂପେ ସମ୍ବଲପୁରକୁ ଆସି କାର୍ଯ୍ୟକ୍ରମରେ ଭାଗ ନେବେ, ସେଥିପାଇଁ ବିଭିନ୍ନ କମିଟି ମାନ ଗଠନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଉପଜିଲ୍ଲାପାଳ ସଦର ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା, ଆରଟିଓ ଶ୍ରୀ ରାମଦାସ ଟୁଡୁ, ନିଜାରତ ଅଫିସର ଶ୍ରୀ ସୂର୍ଯ୍ୟକାନ୍ତ ବରାଳ, ଡେପୁଟି କମିସନର- ଏସଏମସି ସୀମାସବିତା କୁଲୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଅବିର କୁମାର ମହାନନ୍ଦ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଶ୍ରୀ ରବୀନ୍ଦ୍ର ନାଥ ଶତପଥୀ ବୈଠକ କୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



## ଜିଲ୍ଲା ସ୍କୁଲରେ 'ଗଜ ଉତ୍ସବ'

ସମ୍ବଲପୁର: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ 'ଗଜ ଉତ୍ସବ' ପାଳିତ ହୋଇଯାଇଛି । ହାତୀମାନଙ୍କ ସୁରକ୍ଷାକୁ ତୃଣମୂଳ ସ୍ତରରେ ଦୃଢ଼




କରିବାକୁ ଭାରତୀୟ ବନ୍ୟ ଜନ୍ତୁ ଟ୍ରଷ୍ଟ ଏବଂ ଓଡ଼ିଶା ଇକୋ କ୍ଳବ ପକ୍ଷରୁ ଆୟୋଜିତ ଉତ୍ସବକୁ ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ସଭାରେ ସମ୍ବଲପୁର ଡିଭିଜନ ଏସିଏଫ୍ ମନୋଜ ସିକା ଏବଂ ସମ୍ବଲପୁର ରେଞ୍ଜର ଅମିତ୍ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ କୁଳମଣି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ପ୍ରତାପ କେଶରୀ ତ୍ରିପାଠୀ, ପ୍ରଶାନ୍ତ ଦାଶ, ପ୍ରଭାସିନୀ ଦାଶ, ଚିନ୍ମୟ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ନାରାୟଣ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ସମ୍ବଲପୁର: ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳୟରେ ଅନୁଷ୍ଠାନ ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଶାସକ ସ୍ୱର୍ଗତ ନାରାୟଣ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ଅଧକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ସମାରୋହରେ ରେଢାଖୋଲ ଉପଜିଲାପାଳ ରଶ୍ମି



ରଞ୍ଜନ ମହନ୍ତ ଯୋଗଦେଇ ସ୍ୱର୍ଗତ ନାରାୟଣ ପ୍ରଧାନଙ୍କ ପ୍ରତିମୁର୍ତ୍ତି ଉନ୍ମୋଚନ କରିଥିଲେ । ଏଥିରେ ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ, ସ୍ୱର୍ଗତ ପ୍ରଧାନଙ୍କ ଧର୍ମପତ୍ନୀ ଶୈଳବାଳା ପ୍ରଧାନ ଏବଂ କନ୍ୟା ଚନ୍ଦନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ପରିଚାଳନା କମିଟି ସଭ୍ୟ ରଘୁନାଥ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅଞ୍ଚଳର ବିକାଶ ତଥା କିସିଣ୍ଡା ଜୁନିୟର କଲେଜ ପ୍ରତିଷ୍ଠାରେ ସ୍ୱର୍ଗତ ନାରାୟଣ ପ୍ରଧାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ । ଅଧାପକ କୌଶିକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ତେଲେନ ନାଳ ସେତୁ ଲୋକାର୍ପିତ

ଝାରସୁଗୁଡ଼ା: ଲଇକେରା ବ୍ଲକ ଅନ୍ତର୍ଗତ ଅଇତାପାଲିରୁ କାଙ୍କମାଲକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ତେଲେନ୍ ନାଳ ଉପରେ ନିର୍ମିତ ସେତୁ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏହି



ସେତୁ ହେବା ଦ୍ୱାରା ଲଇକେରା ବ୍ଲକର ତିନୋଟି ପଞ୍ଚାୟତବାସୀ ଉପକୃତ ହେବା ସହ ବ୍ରିଜ ନିକଟରେ ନଦୀ ଗର୍ଭରେ ରହିଥିବା ବାଲୁଙ୍କେଶ୍ୱର ମନ୍ଦିରକୁ ମଧ ଭକ୍ତମାନଙ୍କୁ ଯିବା ପାଇଁ ସୁଗମ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପାଖାପାଖି ୭.୫ କୋଟି ଟଙ୍କା ବ୍ୟୟରେ ଏହି ବ୍ରିଜ ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଯିବା ପାଇଁ ସୁଗମ ହେବ ବୋଲି ବିଧାୟକ କହିଛନ୍ତି ।

## ଏମ୍.ସି.ଏଲ୍‌ରେ ନୂଆ ବ୍ୟାଡ଼ମିଣ୍ଟନ କୋର୍ଟ ଉଦ୍‌ଘାଟିତ





ବୁର୍ଲା : ଏମ୍.ସି.ଏଲ୍‌ର ଜାଗୃତି ବିହାର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏକ ନୂଆ ବ୍ୟାଡ଼ମିଣ୍ଟନ କୋର୍ଟ ଉଦ୍‌ଘାଟିତ ହୋଇ ଯାଇଛି । ଏମ୍.ସି.ଏଲ୍‌ର ସିଏମଡି ଉଦୟ ଅନନ୍ତ କାଓଲେ ଏହାର ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଏବଂ ଅନ୍ୟ ନିର୍ଦ୍ଦେଶକ ବୃନ୍ଦ ଉପସ୍ଥିତ ଥିଲେ ।

## ଏମ୍.ସି.ଏଲ୍‌ରେ ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ବୈଠକ

ବୁର୍ଲା : ଏମସିଏଲ ମୁଖ୍ୟାଳୟରେ ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ପକ୍ଷରୁ ଦ୍ୱିତୀୟ ବୈଠକ କାର୍ମିକ ନିର୍ଦ୍ଦେଶକ କେଶବ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ କାର୍ଯ୍ୟାନ୍ୱୟନର ଉପନିର୍ଦ୍ଦେଶକ ବିଚିତ୍ରସେନ ଗୁପ୍ତ ମୁଖ୍ୟ




ଅତିଥି ଭାବେ ଯୋଗ ଦେଇଥିଲେ । ମହାପ୍ରବନ୍ଧକ ଶିଶିର କୁମାର ଗୟାସେନ ସ୍ୱାଗତ ଭାଷଣ ଦେଇଥିଲେ । ବୈଠକରେ ସିଆରପିଏଫ୍‌ର ଡିଆଇଜି ଦିଲ୍ଲୀପ ସିଂ ଅନ୍ୱେଶ, ଏସବିଆଇର ସହକାରୀ ମହାପ୍ରବନ୍ଧକ ସଂଜୟ କୁମାର ଝା, ଝାରସୁଗୁଡ଼ା ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମଣ୍ଡଳ ପ୍ରମୁଖ ଅଜିତ କୁମାର ମେହେର, କାନାଡା ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଅଜିତ କୁମାର ଜଗା, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ର ପ୍ରମୁଖ ଧର୍ମେନ୍ଦ୍ର ରାଜୋରିଆ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରେ ଆଇଓସିଏଲ ଏବଂ ଏସ୍.ବି.ଆଇ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଓରିଏଣ୍ଟ କ୍ରିକେଟ ଗ୍ରାଉଣ୍ଡ ପେଭିଲିୟନର ଶିଳାନ୍ୟାସ



ଝାରସୁଗୁଡ଼ା: ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରୀ ବ୍ରଜରାଜନଗରର ଓରିଏଣ୍ଟ କ୍ରିକେଟ ପଡିଆର ପେଭିଲିୟନର ଶିଳାନ୍ୟାସ କରିଛନ୍ତି । ୧ କୋଟି ୮ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ଏମ୍.ସି.ଏଲ୍ ପକ୍ଷରୁ ଏହା ନିର୍ମିତ ହେଉଛି । ଶିଳାନ୍ୟାସ ଉତ୍ସବରେ ବରଗଡ଼ ଏମ୍.ପି ପ୍ରଦୀପ ପୁରୋହିତ, ଏମ୍.ସି.ଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ ଓ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ବୁର୍ଲା ଏନ୍‌ଏସି କଲେଜର ସମସ୍ୟାର ସମାଧାନ କରାଯିବ: ଜୟ ମିଶ୍ର



ବୁର୍ଲା : ବୁର୍ଲା ଏନ୍‌ଏସି କଲେଜର ସମସ୍ତ ମୁଖ୍ୟ ସମସ୍ୟାର ସମାଧାନ କରାଯାଇ ୨୦୨୮ ସୁଦ୍ଧା ଏହାକୁ ଜିଲ୍ଲାର ଏକ ପ୍ରମୁଖ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ନବକଳେବର କରାଯିବ ବୋଲି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି । କଲେଜରେ ଆୟୋଜିତ ନୂତନ କୋଠା ଉଦ୍‌ଘାଟନ ଓ ବାର୍ଷିକ କ୍ରୀଡ଼ା ଉତ୍ସବର ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ଏକ ମାଷ୍ଟର ପ୍ଲାନ ଜରିଆରେ ବୁର୍ଲା ଏନ୍.ଏ.ସି କଲେଜରେ ଏକ ନୂଆ ଏକାଡେମିକ ବ୍ଲକ, ଆଡମିନିଷ୍ଟ୍ରେଟିଭ ବ୍ଲକ, ଏକ ବଡ଼ ସେମିନାର ହଲ, ଖେଳ ପଡ଼ିଆ ଆଦି ପ୍ରତିଷ୍ଠା କରାଯିବ । ଆସନ୍ତା ବର୍ଷରୁ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ଖୋଲାଯିବା ଲାଗି ପଦକ୍ଷେପ ନେବେ ବୋଲି କହିଥିଲେ । ପରିଚାଳନା ସମିତି ସଭାପତି ଗୋପାଳଚନ୍ଦ୍ର ଶତପଥୀ ବିଧାୟକଙ୍କୁ ଉଦ୍ୟମକୁ ପ୍ରଶଂସା କରିଥିଲେ । ଅଧକ୍ଷା ସୁବନ୍ଦିତା ମିଶ୍ର କଲେଜ ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଥିବା ସୂଚନା ଦେଇ ଏଠାକାର ପୂର୍ବତନ ଛାତ୍ର ଭାବେ ବିଧାୟକଙ୍କ ସହଯୋଗକୁ ସ୍ମରଣ କରିଥିଲେ । କ୍ରୀଡ଼ା ଅଧିକାରୀ ଅଧାପକ ଫରହାନ ହାଇଦର ବିବରଣୀ ପାଠ କରିଥିଲେ । ପ୍ରାଧାପିକା ଲିଲି ଦାସ ଧନ୍ୟବାଦ ଦେଇଥିଲେ । ଡକ୍ଟର ଜ୍ୟୋତିରଞ୍ଜନ ସାମଲ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ୧୨୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ଅଧାପିକା ହିମାଦ୍ରୀ ଦାସ, ଅଧାପିକା ସଙ୍ଗୀତା ବେହେରା, ଅଧାପକ ମନୋଜ ହରିପାଲ, ନବୀନ ମେହେର ଓ କିରଣ ଜାଗୃତୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## କବି ପ୍ରମୋଦ ଦାଶଙ୍କ ପରଲୋକ

ସମ୍ବଲପୁର : ଅତାବିରା ଆରଏମସିର ଅବସରପ୍ରାପ୍ତ କର୍ମଚାରୀ ତଥା କବି ପ୍ରମୋଦ କୁମାର ଦାଶଙ୍କ ତାଙ୍କ ପ୍ରଧାନପଡା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହେଉଥିଲା । ସେ ତାଙ୍କ ପଛରେ ପତ୍ନୀ



ରାଜେଶ୍ୱରୀ, ଏକମାତ୍ର ପୁତ୍ର ରୋଶନ ଓ ବିବାହିତା କନ୍ୟା ତୃପ୍ତିଙ୍କୁ ଛାଡି ଚାଲିଯାଇଛନ୍ତି । ବରଗଡ଼ ଜିଲ୍ଲା ଦେଶଭଟଲିର ମୂଳବାସିନ୍ଦା ସ୍ୱର୍ଗତ ଦାଶଙ୍କ ରଚିତ କବିତା ମାନ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଉଥିଲା । ଏହାଛଡା ତାଙ୍କ ରଚିତ ପୁସ୍ତକ 'ବିବିଧ ଜ୍ଞାନ ମଞ୍ଜରୀ' ପ୍ରକାଶ ପାଇଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra